READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୪ ସଂଖ୍ୟା-୩୪ ୦୭ - ୧୩ ସେପ୍ଟେମ୍ବର, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-34 07th - 13th SEPTEMBER, 2020 BHUBANESWAR ₹ 5/- (8 Pages)

### ସୁପ୍ରିମ୍‌କୋର୍ଟଙ୍କ ପ୍ରଶାନ୍ତ ଭୂଷଣଙ୍କୁ ୧ ଟଙ୍କା ଫାଇନ୍ ପ୍ରସଙ୍ଗ

## 'ଅପରାଧ କ୍ଷମଣୀୟ ନୁହେଁ'

**ଭୁବନେଶ୍ୱର :** ପ୍ରଶାନ୍ତ ଭୂଷଣ ଜଣେ ଜନସ୍ୱାର୍ଥ ମାମଲା ପରିଚାଳନା କରୁଥିବା ଅଧିବକ୍ତା ଭାବେ ଜଣାଶୁଣା। ସେ ସୁପ୍ରିମ୍‌କୋର୍ଟ ଜଜ୍‌ଙ୍କ ବ୍ୟକ୍ତିଗତ ଜୀବନ ଉପରେ ଟ୍ୱିଟ୍ କରି ଚର୍ଚ୍ଚାକୁ ଆସିଥିଲେ। ଏଭଳି ଘଟଣା ଭାରତୀୟ ନ୍ୟାୟିକ ବ୍ୟବସ୍ଥା ପ୍ରତି କ୍ଷତି ପହଞ୍ଚାଇଥିଲା। ଯାହାକୁ ନେଇ ସୁପ୍ରିମ୍‌କୋର୍ଟ ଅସନ୍ତୋଷ ପ୍ରକାଶ କରି ଏହି ମାମଲାରେ ପ୍ରଶାନ୍ତ ଭୂଷଣଙ୍କୁ ୧ ଟଙ୍କା ଫାଇନ୍ କରିବା ପରେ ସାରା ଦେଶରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ହେଲେ ଏହି ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ତଥା ଓଡ଼ିଶା ବାର୍ କାଉନସିଲର ପୂର୍ବତନ ଚେୟାରମ୍ୟାନ ମାନସ ମହାପାତ୍ରଙ୍କ କହିବା କଥା ହେଲା ଅତୀତରେ ପ୍ରଶାନ୍ତ ଭୂଷଣ କହିଥିଲେ ଯେ, ଭାରତର ୧୦ ରୁ ୧୨ଜଣ ମୁଖ୍ୟ ବିଚାରପତି ଦୁର୍ନୀତିଗ୍ରସ୍ତ ଏବଂ ଆଉ ଗୋଟିଏ ହେଲା ସୁପ୍ରିମ୍‌କୋର୍ଟ ଜଜ୍‌ମାନେ ସରକାରଙ୍କ ବିରୋଧରେ କୌଣସି ଆଦେଶ ଦେବାକୁ ଇଚ୍ଛୁକ ମନେକରୁନାହାନ୍ତି। ଯେହେତୁ ଜନସ୍ୱାର୍ଥ ମାମଲା ସବୁବେଳେ ସରକାରଙ୍କ ବିରୁଦ୍ଧରେ କରାଯାଇଥାଏ। ଏଥିରୁ ଫଳାଫଳ ନ ମିଳିବାରୁ ପ୍ରତିହିଂସା ପରାୟଣ ହୋଇ ଶ୍ରୀ ଭୂଷଣ ଜଜ୍‌ଙ୍କ ବ୍ୟକ୍ତିଗତ ଜୀବନ ଉପରେ ଟିପ୍ପଣୀ କରି ଆଲୋଚନାର ପରିସରଭୁକ୍ତ ହୋଇଥିଲେ। ଏହାଦ୍ୱାରା ଭାରତର ବିଚାର ବିଭାଗରେ ଥିବା ଗରିମା, ସମ୍ମାନ ସର୍ବସାଧାରଣରେ ଆଲୋଚନା ଅନୁଚିତ ହୋଇଥିଲା ବେଳେ ତାହା ସେ କରିଥିଲେ। ଯଦ୍ୱାରା ସର୍ବସାଧାରଣଙ୍କ ମନରେ ଭାରତର ବିଚାର ବ୍ୟବସ୍ଥା ଉପରେ ଯେଉଁ ଆସ୍ଥା ଓ ବିଶ୍ୱାସ ରହିଛି ତାହା କ୍ଷୁର୍ଣ୍ଣ ହେବା ପାଇଁ ଶ୍ରୀ



ଭୂଷଣ ଉପାଦନ ଯୋଗାଇଲେ। ଏହାଦ୍ୱାରା ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ନକାରାତ୍ମକ ବ୍ୟବସ୍ଥା ସୃଷ୍ଟି ହେଲା ଏବଂ ଦକ୍ଷ ବିଚାରପତିମାନେ ଏସବୁ ଆଲୋଚନାକୁ ଦୂରେଇ ରହିବାକୁ ପ୍ରଚେଷ୍ଟା କରିବାରୁ ଏହାର ଲାଭ ପ୍ରଶାନ୍ତ ଭୂଷଣ ରାଜନୈତିକ ଉଦ୍ଦେଶ୍ୟ ପାଇଁ ସଫଳଦାୟକ ହେଲା। କାରଣ ଶ୍ରୀ ଭୂଷଣ ଜଣେ ଆଇନଜୀବୀ ବ୍ୟତୀତ ଆପ୍ ରାଜନୈତିକ ଦଳର ମୁଖ୍ୟ ପୁରୋଧା ଥିଲେ। ଯେହେତୁ ଅରବିନ୍ଦ କେଜରିୱାଲ, ମନୀଷ ସିସୋଦିଆ ଏବଂ ଆପ୍ ଦଳର ଅନ୍ୟ ରାଜନୈତିକ ନେତୃବୃନ୍ଦ ପ୍ରଶାନ୍ତ ଭୂଷଣଙ୍କର ରାଜନୈତିକ ଉଦେଶ୍ୟକୁ ସାଧନ କରିବାକୁ ନ ଦେଇ ତାଙ୍କୁ ଦଳରୁ ବିତାଡିତ କରିଥିଲେ। ଏଣୁ ଜଣେ ହତୋତ୍ସାହିତ ରାଜନୈତିକ ନେତା ନିଜର ଆଇନଜୀବୀ ପେଶାର ଆଧାରକୁ ନେଇ ନିଜର ବ୍ୟକ୍ତିଗତ ପ୍ରତିଷ୍ଠାକୁ ପୁନଃ ପ୍ରତିଷ୍ଠା କରିବା ପାଇଁ ବିଚାର ବିଭାଗକୁ ସମାଲୋଚନା କରିବା ଏବଂ ବିଚାରପତି ମାନଙ୍କର ବ୍ୟକ୍ତିଗତ ➤ ପୃ-୬

### ବିନା ଅନୁମତିରେ ଏକାଠି ହୋଇପାରିବେନି ୧୦ରୁ ଅଧିକ

## ଏକଜୁଟ୍ ହେଲେ ୧ଲକ୍ଷ ଜରିମାନା

**ଭୁବନେଶ୍ୱର :** ବିନା ଅନୁମତିରେ ୧୦ ଜଣରୁ ଅଧିକ ଲୋକ କୌଣସି ସ୍ଥାନରେ (ବନ୍ଦ ରୁମ୍ ହେଉ ଅବା ବାହାରେ) ଏକ ସମୟରେ ଏକଜୁଟ୍ ହେଲେ ସେମାନଙ୍କଠୁ ଅବା ସମ୍ପୃକ୍ତ କାର୍ଯ୍ୟକ୍ରମର ଆୟୋଜକଙ୍କଠୁ ୧ଲକ୍ଷ ଟଙ୍କା ଜୋରିମାନା ଆଦାୟ କରାଯିବ। ରାଜ୍ୟରେ କରୋନା ସଂକ୍ରମଣ ମାମଲା ବୃଦ୍ଧି ପାଉଥିବା ବେଳେ ସରକାର କୋଭିଡ୍-୧୯ ନିୟମାବଳୀ-୨୦୨୦ରେ ଚତୁର୍ଥ ସଂୋଧନ କରି ବିଭିନ୍ନ ନିୟମ ଉଲ୍ଲଘଂନ ନିମନ୍ତେ ଜୋରିମାନା ପରିମାଣକୁ ଏଭଳି ଭାବେ ବୃଦ୍ଧି କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଦସ୍ତଖତରେ ଜାରି ବିଜ୍ଞପ୍ତି ଅନୁସାରେ ମହାମାରୀ ଆଇନ-୧୮୯୭ର ଧାରା ୨ ଓ ୩ ଅନ୍ତର୍ଗତ ପ୍ରଦତ୍ତ କ୍ଷମତାର ଉପଯୋଗ କରି ସ୍ୱାସ୍ଥ୍ୟ ବିଭାଗ ଗତକାଲି ଓଡ଼ିଶା କୋଭିଡ୍-୧୯ ରେଗୁଲେସନ-୨୦୨୦ରେ ଚତୁର୍ଥ ସଂଶୋଧନ କରିଛନ୍ତି। ଏହି ବିଜ୍ଞପ୍ତି ଅନୁସାରେ କୋଭିଡ୍ ନିୟମାବଳୀ-୨୦୨୦ର ୪



(କ,ଖ,ଗ,ଘ,ଙ,ଚ) ଧାରାରେ ବିଭିନ୍ନ ନିୟମ ଉଲ୍ଲଘଂନ ପାଇଁ ଜୋରିମାନା ଧାର୍ଯ୍ୟ କରିଛନ୍ତି। ସଂଶୋଧିତ ନିୟମ ଅନୁସାରେ, ରାଜ୍ୟର କୌଣସି ସ୍ଥାନରେ ବିନା ଅନୁମତିରେ ଏକସଙ୍ଗେ ୧୦ଜଣରୁ ଅଧିକ ଲୋକ (ବନ୍ଦ ରୁମ୍ ହେଉ ଅବା ବାହାରେ) ଏକଜୁଟ୍ ହୋଇପାରିବେ ନାହିଁ। ଏକଜୁଟ୍ ହେବା ନିମନ୍ତେ ଉପଯୁକ୍ତ କାରଣ ଦର୍ଶାଇ ସ୍ଥାନୀୟ ଜିଲ୍ଲାପାଳ ଅବା ମହାନଗର ନିଗମର କମିଶନରଙ୍କଠୁ ଲିଖିତ ଅନୁମତି ନେବାକୁ ପଡିବ। ଏହି ନିୟମକୁ ଉଲ୍ଲଘଂନ କଲେ ସମ୍ପୃକ୍ତ ଆୟୋଜକ ଅବା ସାମିଲ ଲୋକଙ୍କଠୁ ୧ଲକ୍ଷ ଟଙ୍କା ➤ ପୃ-୬

## ୮୦%ରୁ ଅଧିକ ସେବା ଏବେ ଅନ୍‌ଲାଇନ୍‌ରେ

**ଭୁବନେଶ୍ୱର :** ଅକ୍ଟୋବର ୨ ପୂର୍ବରୁ ସରକାରଙ୍କ ସମସ୍ତ ସେବା ଅନ୍‌ଲାଇନ୍‌ରେ ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବାବେଳେ ଏବେସୁଦ୍ଧା ପ୍ରମୁଖ ବିଭାଗଗୁଡ଼ିକର ୮୦ ପ୍ରତିଶତରୁ ଅଧିକ ସେବା ଏ ଦିଗରେ ତ୍ୱରାନ୍ୱିତ ହୋଇପାରିଛି। ଲୋକସେବା ଭବନରେ ଡିଜିଟାଲ୍ ମୋଡ୍‌ରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି। ଏହି ପ୍ରକ୍ରିୟାର



ବିଭାଗୱାରୀ ସମୀକ୍ଷା କରି 'ଓଡ଼ିଶାୱାନ୍' ସରକାରୀ ପୋର୍ଟାଲ୍‌ରେ ବିଭାଗଗୁଡ଼ିକ ସେମାନଙ୍କ ଅନ୍‌ଲାଇନ୍ ବ୍ୟବସ୍ଥାକୁ ସମନ୍ୱିତ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି କମନ୍ ପୋର୍ଟାଲ୍‌ରେ ଅନ୍‌ଲାଇନ୍‌ରେ ଆବେଦନ ଏବଂ ସଂଶୋଧନ ଫିଚର ରହିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଓଡ଼ିଶା ଲୋକସେବା ଅଧିକାର ନିୟମ ଅନୁସାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ସେବା ନମିଳିଲେ ନାଗରିକମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। କମନ୍ ପୋର୍ଟାଲ୍‌ର ବିଶେଷତ୍ୱ ବିଷୟରେ ଉଲ୍ଲେଖ କରି ଆଇଟି ସଚିବ ମନୋଜ ମିଶ୍ର କହିଛନ୍ତି, ଏହା ହେଉଛି ଏକ ସମନ୍ୱିତ ସେବା ପ୍ରଦାନର ଫ୍ରେମୱାର୍କ। ସ୍ୱୟଂକ୍ରିୟ ଭାବେ ବିଭିନ୍ନ ବିଭାଗୀୟ ଆବେଦନଗୁଡ଼ିକ ଏହି ଢାଞ୍ଚାକୁ ବ୍ୟବହାର କରିପାରିଲା ଭଳି ଏହାର ଡିଜାଇନ୍ କରାଯାଇଛି। ଏହି ଗୋଟିଏ ପୋର୍ଟାଲ୍ ➤ ପୃ-୬

## ବିଜେଡିକୁ ବର୍ଷା ଅଡୁଆ

### ବିଦା ହୋଇଥିଲେ ରଘୁ ମହାନ୍ତି, ଏବେ ଯିବେ କି ଅନୁଭବ !

**କଟକ :** ଜଣେ ବର୍ଷାଙ୍କ ପାଇଁ ଅତୀତରେ ବରିଷ୍ଠ ନେତା ତଥା ମନ୍ତ୍ରୀ ରଘୁନାଥ ମହାନ୍ତି ବିଜେଡିରୁ ବିଦା ହୋଇଥିଲେ। ଏବେ ସମାନ କଥା ଘଟିଛି। ସେତେବେଳେ ରଘୁଙ୍କ ବୋହୂ ବର୍ଷାସୋନୀ ମହାନ୍ତି ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ପରିବାର ଉପରେ ଘରୋଇ ହିଂସା ଓ ନିର୍ଯାତନା ଅଭିଯୋଗ ଆଣି ଏତଲା ଦେଇଥିଲେ।



ସେତେବେଳେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ତୁରନ୍ତ ରଘୁଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରିଥିଲେ ଏବଂ ୨୦୧୪ ମସିହାରେ ନିର୍ବାଚନ ଲଢ଼ିବାକୁ ଆଉ ଟିକଟ ବି ଦେଲେନି। ହେଲେ ଏବେ ରାଜ୍ୟ ରାଜନୀତିରେ ଆଉଜଣେ ବର୍ଷାଙ୍କ ପାଇଁ ଝଡ ଉଠୁଛି। ସେ ହେଉଛନ୍ତି କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତିଙ୍କ ➤ ପୃ-୬

### ବକ୍ରବାଣୀ



ଭଲା କରୋନା ବେମାରୀ ଆଇଲା
ବୁଢ଼ାଙ୍କୁ ଛାଡ଼ି ଟୋକାଙ୍କୁ ମାଇଲା
ଟୋକାଳିଆ ନେତା ଯେତେ ଆମର
ଲେଖନ୍ତି ବସିକି ସବୁ ଟ୍ୱିଟର
ବଢ଼ି ପାଣି ଗାଆଁ ଦାଣ୍ଡରେ ଖେଳେ
ଭେଳିକି ଦେଖାନ୍ତି ଏତିକି ବେଳେ
କରୋନା ଆଳରେ ଶୁଅନ୍ତି ଘରେ
ବାହାରିବେ ବନ୍ୟା ଛାଡ଼ିଲା ପରେ
ମାଡିଚାଲ କହି ସୁରଙ୍କ ଇଶ
ବନ୍ୟାରେ ବୁଲନ୍ତି ମୋଡିକି ନିଶ।

——ଟୁଟୁ

## ଓଡ଼ିଶାରେ ଖୁବ୍‌ଶୀଘ୍ର ବିଜେପି ସରକାର : ନଡ୍ଡା

**ଭୁବନେଶ୍ୱର :** ଓଡିଶାରେ ଦୀର୍ଘ ସମୟ ରାଜନୈତିକ ଲଢେଇ ପରେ ବିଜେପିକୁ ମୁଖ୍ୟ ବିରୋଧୀ ଦଳର ମାନ୍ୟତା ମିଳିଛି । ଗତ ୨୦୧୯ ଲୋକସଭା ନିର୍ବାଚନରେ ପାଖାପାଖି ୧ କୋଟି ଭୋଟ ବିଜେପି ସପକ୍ଷରେ ପଡିଛି । ୩୩ ଟି ଅନୁସୂଚିତ ଜାତି ଜନଜାତିର ବିଧାନସଭା ଆସନରୁ ୧୧ ଜଣ ବିଧାୟକ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ସେହିପରି ୨୦୧୪ ଲୋକସଭା ନିର୍ବାଚନରେ ବିଜେପିକୁ ୨୧ ପ୍ରତିଶତ ଭୋଟ ମିଳିଥିବାବେଳେ ୨୦୧୯ରେ ଏହା ବୃଦ୍ଧି ହୋଇ ୩୮ ପ୍ରତିଶତ ଏବଂ ୨୦୧୪ ବିଧାନସଭା ନିର୍ବାଚନରେ ବିଜେପିକୁ ୧୮ ପ୍ରତିଶତ ଭୋଟ ମିଳିଥିବାବେଳେ ୨୦୧୯ ରେ ଏହା ୩୨ ପ୍ରତିଶତକୁ ବୃଦ୍ଧି ପାଇଛି । ଆଗାମୀ ଦିନରେ ଆମେ ୫୦ ପ୍ରତିଶତ ଭୋଟ ହାସଲ କରି ଓଡିଶାରେ ବିଜେପି ସରକାର ଗଠନ କରିବାର ସଂକଳ୍ପ ନେବା ବୋଲି ବିଜେପିର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଦିଲ୍ଲୀରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗ ଦେଇ କାର୍ଯ୍ୟକର୍ତାଙ୍କୁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରୀୟ ସଭାପତି ଡ. ଜଗତ ପ୍ରକାଶ ନଡ୍ଡା । କୋଭିଡ ସଙ୍କଟ ସମୟରେ ଏବଂ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି 'ଲକଡାଉନ ଓ ଜନତା କର୍ଫ୍ୟୁ' ଜରିଆ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସମଗ୍ର ବିଶ୍ୱ ଓ ୟୁନିସେଫ ଭୂୟସୀ ପ୍ରଶଂସା କରିଛନ୍ତି । କୋଭିଡ ଟେଷ୍ଟିଂ ସଂଖ୍ୟା ପ୍ରତିଦିନ ୧୫୦୦ରୁ ୧୦ଲକ୍ଷ୧୦ ହଜାରକୁ ବୃଦ୍ଧି, ଦେଶରେ ୧୫୦୦ରୁ ଉର୍ଦ୍ଧ୍ୱ କୋଭିଡ ହସ୍‌ପିଟାଲ ସହ ୨ ଲକ୍ଷ ଶଯ୍ୟା କରୋନା ରୋଗୀଙ୍କ ପାଇଁ ପ୍ରସ୍ତୁତ ହୋଇପାରିଛି । ସ୍ୱାସ୍ଥ୍ୟ




ସେବା ପାଇଁ ପିପିଇ କିଟ୍ ଭାରତରେ ଉତ୍ପାଦନ ହେଉନଥିବାବେଳେ ବର୍ତମାନ ପ୍ରତିଦିନ ୪ ଲକ୍ଷ ୫୦ ହଜାର ପିପିଇ କିଟ୍ ପ୍ରସ୍ତୁତ ହେଉଛି । କରୋନାରୁ ଏବେ ଦେଶରେ ୭୪. ୩୦ ପ୍ରତିଶତ ରୋଗୀ ସୁସ୍ଥ ହେଉଛନ୍ତି । ଏହା ନିଶ୍ଚିତ ଭାବେ ଆଶ୍ୱସ୍ତ ପ୍ରଦାନ କରିଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି। ଜାତୀୟ ଶିକ୍ଷାନୀତି -୨୦୨୦ ଭାରତର ଭାଗ୍ୟ ବଦଳାଇଦେବ । ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ପାଠ ପଢିବା ଏବଂ ନିଜ ଇଚ୍ଛା ଅନୁସାରେ ବିଷୟ ଚୟନ କରିବାର ଅଧିକାର ନୂଆ ଶିକ୍ଷା ନୀତିରେ ବ୍ୟବସ୍ଥା ହୋଇଛି । କେହି ବି ଜଣେ ଶିକ୍ଷାରୁ ବଂଚିତ ନହେବେ ସେ ନେଇ ବ୍ୟବସ୍ଥା କରାଯାଇଛି । ଓଡିଶା ସରକାର ଏକ ଟାକ୍ସଫୋର୍ସ ଗଠନ କରି କାର୍ଯ୍ୟ କରନ୍ତୁ। ବିଜେପି କାର୍ଯ୍ୟକର୍ତାମାନେ ଏସଂପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବେ । ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ନିଟ୍ ର ପ୍ରଶ୍ନପତ୍ର ୯ ଟି ଭାଷାରେ କରାଯାଉଛି । ଏହା ଦ୍ୱାରା ଗ୍ରାମାଂଚଳର ମେଧାବୀ ଛାତ୍ର ଡାକ୍ତରୀ ଶିକ୍ଷା ପଢିବାରେ ଯୋଗ୍ୟ ହୋଇପାରୁଛି ।

କରୋନା ସଙ୍କଟ ସମୟରେ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭରଶୀଳ ଭାରତ ଯୋଜନାରେ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଗରିବ କଲ୍ୟାଣ ଯୋଜନାରେ ୮୦ କୋଟି ଗରିବ ଲୋକଙ୍କୁ ମାର୍ଚ୍ଚ ମାସରୁ ନଭେମ୍ବର ମାସ ପର୍ଯ୍ୟନ୍ତ ୫ କିଲୋ ଚାଉଳ କିମ୍ବା ଗହମ ଏବଂ ➤ ପୃ-୬




### ପ୍ରବାସୀ ଶ୍ରମିକଙ୍କ ଦୁଃଖ, ରାସ୍ତା କାମରେ ବ୍ୟାପକ ଦୁର୍ନୀତି

## କେହି ଶୁଣୁନାହାନ୍ତି ଅଭିଯୋଗ

**ଭବାନୀପାଟଣା, (ଅନୀଲ ପଟ୍ଟନାୟକ) :** ମହାମାରୀ କରୋନା ଭାରତରେ ଆତଙ୍କ ସୃଷ୍ଟି କରିଥିଲା ବେଳେ ଓଡ଼ିଶା ବାହାରେ ରହୁଥିବା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ରାଜ୍ୟକୁ ଫେରାଇ ଆଣିବା ପାଇଁ ବ୍ୟଗ୍ର ହୋଇପଡିଥିଲେ ରାଜ୍ୟ ସରକାର। ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରୁଥିବା ଏହି ଓଡ଼ିଆ ଶ୍ରମିକମାନଙ୍କୁ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଇ ଓଡ଼ିଶା ସରକାର ସେମାନଙ୍କୁ ରାଜ୍ୟକୁ ଫେରାଇ ଆଣିଥିବାରେ ସଫଳ ହୋଇଥିଲେ ବି ପରବର୍ତ୍ତୀ ସମୟରେ ସେମାନଙ୍କ ଜୀବିକା ବଞ୍ଚାଇବା କଥାଟିକୁ ସମ୍ପୂର୍ଣ୍ଣ ଭୁଲିଗଲେ। ମହରଗକୁ ଆସି କାନ୍ତାରରେ ପଡିଲା ଭଳି ଏହି ଶ୍ରମିକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପାଳନ ନ ହେବାରୁ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ପରେ ପୁଣି ଯେଉଁଠୁ



ଫେରିଥିଲେ ସେଠାକୁ ଫେରିଯିବା ପାଇଁ ଡହଳ ବିକଳ ହେଉଛନ୍ତି। ସୁରଟ, ତାମିଲନାଡୁ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ କେରଳ ସମେତ ବିଭିନ୍ନ ରାଜ୍ୟରୁ ଫେରିଥିବା ଏହି ପ୍ରବାସୀ ଶ୍ରମିକମାନେ ବିଶ୍ୱାସ ରଖିଥିଲେ ଯେ, ରାଜ୍ୟ ସରକାର ସେମାନଙ୍କୁ ରାଜ୍ୟ ଭିତରେ କାମ ଯୋଗାଇ ଦେଲେ ଆଉ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ପଡିବ ନାହିଁ। ଗତ ମାର୍ଚ୍ଚ ମାସରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ବଡ କଷ୍ଟରେ ଶ୍ରମିକମାନେ ଘରେ ରହି କାର୍ଯ୍ୟ ଅନ୍ୱେଷଣରେ ବୁଲିଥିଲେ ବି କୌଣସି ପ୍ରକାର କର୍ମନିଯୁକ୍ତି ଏମାନଙ୍କୁ ମିଳିଲାନାହିଁ। ସବୁଠୁ ବିଡମ୍ବନାର କଥା ହେଉଛି ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ବା ଏମ୍‌ଜିଏନ୍‌ଆରଇଜିଏରେ ନିଶ୍ଚୟ କର୍ମନିଯୁକ୍ତି ମିଳିବ ବୋଲି ଯେଉଁ ଭରସା ଟିକିଏ ରହିଥିଲା ତାହା ମଧ୍ୟ ବିଫଳ ହେଲା। ଉଲ୍ଲେଖଯୋଗ୍ୟ, କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାର ଏହି ଶ୍ରମିକମାନଙ୍କ ପାଇଁ ରାଜ୍ୟକୁ ୪୦ ହଜାର କୋଟି ଟଙ୍କାର ସହାୟତା ବି ଦେଇଛନ୍ତି। ଦୁଃଖର ବିଷୟ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଜିଲ୍ଲାକୁ ଫେରିଥିବା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଏଯାବତ କାମ ଯୋଗାଇ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ଖାକି ପୋଷାକର ମର୍ଯ୍ୟାଦାକୁ ନଷ୍ଟ କରନାହିଁ : ପ୍ରଧାନମନ୍ତ୍ରୀ

**ହାଇଦ୍ରାବାଦ :** ଶୁକ୍ରବାର ଯୁବ ଆଇପିଏସ୍ ଅଫିସରଙ୍କ ଦୀକ୍ଷାନ୍ତ ପ୍ୟାରେଡ୍‌ରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୋଷାକର ମର୍ଯ୍ୟାଦା ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ହାଇଦ୍ରାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାସ୍‌ନାଲ୍ ପୁଲିସ ଏକାଡେମୀର ଦୀକ୍ଷାନ୍ତ ସମାରୋହରେ ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଯୋଗଦେଇ କାର୍ଯ୍ୟଚାପରୁ ମନକୁ ହାଲୁକା କରିବା ପାଇଁ ଯୋଗ ଓ ପ୍ରାଣାୟମ ପ୍ରତି ଗୁରୁତ୍ୱାରୋପ କରିଛନ୍ତି। ତା' ସହିତ ଖାକି ପ୍ରତି ଲୋକଙ୍କ ମନରେ ବିଶ୍ୱାସବୋଧ ଜନ୍ମାଇବାକୁ କହିଛନ୍ତି। ମୋଦୀଙ୍କ ମତରେ ଖାକିପୋଷାକ ପ୍ରତି ଲୋକଙ୍କ ମନରେ ଗଭୀର ବିଶ୍ୱାସ ରହିଛି। ପୁଲିସଠାରୁ ଲୋକମାନେ ସୁରକ୍ଷା ଓ ନ୍ୟାୟ ପାଇବା ଆଶା କରିଥାନ୍ତି। କରୋନା ମହାମାରୀ ସମୟରେ ମଧ୍ୟ ଦେଶର ପୁଲିସ କର୍ମଚାରୀମାନେ ଲୋକଙ୍କୁ ସେବା ପ୍ରଦାନ କରୁଛନ୍ତି। ତେଣୁ ଯୁବ ଆଇପିଏସ୍ ଅଧିକାରୀମାନେ ଖାକି ପୋଷାକର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ଉଚିତ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କିଛି ପୁଲିସ ଅଧିକାରୀ ନିଯୁକ୍ତି ପାଇବା ପରେ ଲୋକଙ୍କୁ ପୋଷାକର ଭୟ ଦେଖାଇଥାନ୍ତି। ଅସାମାଜିକ ଶକ୍ତି ଉପରେ ପରାକ୍ରମ ଦେଖାଇଥାନ୍ତି। ସେମାନଙ୍କ ଆଗରେ 'ସିଂହମ' ଚଳଚ୍ଚିତ୍ରର ନାୟକ ଆଦର୍ଶ ପାଲଟି ଯାଇଥାଏ। ମାତ୍ର ବାସ୍ତବରେ ସେପରି ଆଭିମୁଖ୍ୟ ପୋଷଣ କରାଯିବା ଅନୁଚିତ। ଲୋକପ୍ରତିନିଧିମାନଙ୍କୁ ପୁଲିସ୍ ସମ୍ମାନ ପ୍ରଦର୍ଶନ କରିବା ଉଚିତ। ଅନେକ ସମୟରେ ଲୋକପ୍ରତିନିଧିମାନଙ୍କ ସହ ପୁଲିସର ଯେଉଁଭଳି ବିବାଦ ହେଉଛି ତାହା ଠିକ୍ ନୁହେଁ। ଲୋକପ୍ରତିନିଧିମାନଙ୍କୁ ପୁଲିସ ସମ୍ମାନ କଲେ ଗଣତନ୍ତ୍ର ସୁଦୃଢ଼ ହେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମହିଳା ଆଇପିଏସ୍‌ଙ୍କୁ ଉଚ୍ଚ ପ୍ରଶଂସା କରି କଶ୍ମୀର ଉପତ୍ୟକାରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଦେଇଛନ୍ତି। ମୋଦୀ କହିଛନ୍ତି, ମହିଳା ଆଇପିଏସ୍ ଅଧିକାରୀମାନେ କଶ୍ମୀର




ଅଧିବାସୀଙ୍କ ମନରେ ଗଭୀର ବିଶ୍ୱାସ ପ୍ରତିଷ୍ଠା କରି ନିରୀହ ପିଲାମାନଙ୍କୁ ଭୁଲ ବାଟରୁ ଫେରାଇ ଆଣିପାରିବେ। ଆମ ମହିଳା ଆଇପିଏସ୍‌ମାନେ ଦେଶର ମହିଳାଙ୍କୁ ଶିକ୍ଷିତ କରିପାରିବେ। ଦେଶର ଭବିଷ୍ୟତକୁ ଠିକ୍ ବାଟରେ ନେଇପାରିବେ। ମା'ମାନେ ଶିକ୍ଷିତ ହେଲେ ପିଲାମାନଙ୍କୁ ଭୁଲ ବାଟକୁ ଯିବାକୁ ଦେବେ ନାହିଁ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଜମ୍ମୁ-କଶ୍ମୀରରେ ଆତଙ୍କୀ ସଂଗଠନର କାୟା ବିସ୍ତାର ପ୍ରତି ଗୁରୁତ୍ୱାରୋପ କରିଛନ୍ତି। ମୋଦୀ ପୁଣି କହିଛନ୍ତି, ଆଜିର ସୂଚନା ପ୍ରଯୁକ୍ତି ବିଦ୍ୟା ପୁଲିସବାହିନୀକୁ ଆହୁରି ଶକ୍ତିଶାଳୀ କରିଛି। ସିସିଟିଭି ଫୁଟେଜ ଓ ମୋବାଇଲ୍ ଟ୍ରାକିଂ ଫଳରେ ଦୁର୍ଦ୍ଦାନ୍ତ ଅପରାଧୀକୁ ଧରିବା ସହଜ ହୋଇଯାଇଛି। ମାତ୍ର ବେଳେବେଳେ ଉକ୍ତ ସାମଗ୍ରୀ ଆମ ପାଇଁ ସମସ୍ୟା ଉତ୍ପନ୍ନ କରିଥାଏ। ସାଧାରଣ ଲୋକମାନେ ଠକ, ଦଲାଲ ଓ ହ୍ୟାକରଙ୍କ ଶିକାର ହୋଇ ପୁଲିସ ପାଇଁ ମହାସମସ୍ୟା ସୃଷ୍ଟି କରିଥାନ୍ତି। ଆଜିକାଲି ସୋସିଆଲ୍ ମିଡିଆ ଉଭୟ ପୁଲିସ ଓ ଅପରାଧୀଙ୍କ ପାଇଁ ଚାଲେଞ୍ଜ ରୂପେ ଠିଆ ହୋଇଛି। ସୋସିଆଲ ମିଡିଆକୁ ଆତଙ୍କୀ ସଂଗଠନଗୁଡ଼ିକ ଅପରାଧ ପାଇଁ ବ୍ୟବହାର କରୁଥିବା ବେଳେ ପୁଲିସ ପ୍ରଶାସନ ତାକୁ ଦକ୍ଷତାର ସହ ମୁକାବିଲା କରିବା ଉଚିତ। ଦେଶର ପୁଲିସ ଷ୍ଟେସନଗୁଡ଼ିକ ପରିଷ୍କାର ରହିବା ସହ ସାମାଜିକ ବିଶ୍ୱାସର କେନ୍ଦ୍ରସ୍ଥଳୀ ରୂପେ ପରିଚିତ ହେବା ଦରକାର ବୋଲି ମୋଦୀ କହିଛନ୍ତି। ଶୁକ୍ରବାର ଦୀକ୍ଷାନ୍ତ ସମାରୋହରେ ୨୦୧୮ ବ୍ୟାଚ୍‌ର ୨୮ ମହିଳାଙ୍କ ସମେତ ୧୩୧ ଆଇପିଏସ୍ ତାଲିମ ପାଇଛନ୍ତି।

# ଶାନ୍ତି ପାଇଁ ବିଶ୍ୱାସ ଲୋଡ଼ା : ରାଜନାଥ

**ନୂଆଦିଲ୍ଲୀ :** ପରସ୍ପର ମଧ୍ୟରେ ଗଭୀର ବିଶ୍ୱାସ, ସମ୍ମାନବୋଧ ଓ ଉଦାର ମନୋଭାବ ଫଳରେ ଦେଶ-ଦେଶ ମଧ୍ୟରେ ସ୍ଥାୟୀ ଶାନ୍ତି ଓ ସଦ୍‌ଭାବ ପ୍ରତିଷ୍ଠା ହୋଇପାରିବ ବୋଲି ମସ୍କୋରେ ଅନୁଷ୍ଠିତ ସାଂଘାଇ କୋଅପରେସନ୍ ଅର୍ଗାନାଇଜେସନ୍ (ଏସ୍‌ସିଓ) ବୈଠକ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ଚୀନ ସମେତ ୮ଟି ଦେଶର ପ୍ରତିରକ୍ଷା ମନ୍ତ୍ରୀମାନେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ରାଜନାଥ ସିଂହ ଅଭିଭାଷଣ ବେଳେ ଚୀନର ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ୍ ୱେଇ ଫେଙ୍ଘେ ଉପସ୍ଥିତ ଥିଲେ। ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୦% ଭାଗ ଏସ୍‌ସିଓ ସଭ୍ୟ ରାଷ୍ଟ୍ରଗୁଡ଼ିକରେ ବସବାସ କରୁଛନ୍ତି। ତେଣୁ ଆନ୍ତର୍ଜାତିକ ନୀତି ନିୟମାବଳୀ ପ୍ରତି ସମ୍ମାନବୋଧ ପ୍ରକାଶ କରି ଏସ୍‌ସିଓ ଅନ୍ତର୍ଭୁକ୍ତ ଦେଶଗୁଡ଼ିକ



ପରସ୍ପର ପ୍ରତି ଗଭୀର ଆସ୍ଥା ଓ ବିଶ୍ୱାସ ପ୍ରକଟ କରିବା ଜରୁରି ବୋଲି ରାଜନାଥ କହିଛନ୍ତି। ଜଣେ ଅନ୍ୟ ଜଣକର ସ୍ୱାର୍ଥରକ୍ଷା ପ୍ରତି ଯତ୍ନବାନ ହେବା ଆବଶ୍ୟକ। ପରସ୍ପର ମଧ୍ୟରେ ଶାନ୍ତିପୂର୍ଣ୍ଣ ଆଲୋଚନା ମଧ୍ୟରେ ସମସ୍ୟାର ସମାଧାନ କରାଯିବା ଉଚିତ ବୋଲି ରାଜନାଥ କହୁଥିବା ସମୟରେ ଚୀନ ପ୍ରତିରକ୍ଷା ମନ୍ତ୍ରୀ ଅବିଚଳିତ ଭାବେ ବସିଥିଲେ। ଗଲୱାନ ଉପତ୍ୟକାରେ ଭାରତ-ଚୀନ ସେନା ସଂଘର୍ଷ ଘଟିବାର ପ୍ରାୟ ଚାରିମାସ ପରେ ଉଭୟ ଦେଶର ପ୍ରତିରକ୍ଷା ମନ୍ତ୍ରୀ ମସ୍କୋରେ ଅନୁଷ୍ଠିତ ସାଂଘାଇ ସମନ୍ୱୟ ବୈଠକରେ ପରସ୍ପରକୁ ଭେଟିଛନ୍ତି। ଗଲୱାନ ସଂଘର୍ଷରେ ଭାରତର ୨୦ ଯବାନ ସହିଦ ହୋଇଥିଲା ବେଳେ ଚୀନର ପ୍ରାୟ ୪୦ ସୈନ୍ୟ ମୃତାହତ ହୋଇଥିଲେ। ସେହିଦିନଠାରୁ ଉଭୟ ଦେଶର କମାଣ୍ଡରସ୍ତରୀୟ ଓ କୂଟନୀତି ସ୍ତରରେ ଆଲୋଚନା ଚାଲିଥିଲେ ମଧ୍ୟ ପୂର୍ବ ଲଦାଖର ତିନୋଟି ଗୁରୁତ୍ୱପୂର୍ଣ୍ଣ ଘାଟିକୁ ଛାଡ଼ିବା ପାଇଁ ଚୀନ ଅରାଜି। ମାତ୍ର ୫ ଦିନ ତଳେ ପାଙ୍ଗୋଙ୍ଗ୍ ହ୍ରଦର ଦକ୍ଷିଣତଟକୁ ଚୀନର ପିଏଲ୍‌ଏ ମାଡ଼ି ବସିବା ପାଇଁ ଉଦ୍ୟମ କରୁଥିଲା ବେଳେ ଭାରତୀୟ ସେନାବାହିନୀ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ଏଲ୍‌ଏସିଠାରୁ ପ୍ରାୟ ୨୦ କିମି ଦୂରରେ ଚୀନସେନା ରହିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚୀନ ତାହା ପାଳନ କରୁନାହିଁ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦ୍ୱିତୀୟ ବିଶ୍ୱଯୁଦ୍ଧ କଥା ମନେପକାଇ କହିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧରୁ ଆମକୁ କିଛି ଶିଖିବାର ଆବଶ୍ୟକତା ରହିଛି। ଉକ୍ତ ଯୁଦ୍ଧ ଆମକୁ ଗୋଟିଏ ଦେଶ ଉପରେ ଅନ୍ୟ ଗୋଟିଏ ଦେଶର ଲୋଲୁପ ଦୃଷ୍ଟିର ବିଭତ୍ସ ଚେହେରା ସମ୍ପର୍କରେ ଅବଗତ କରିଛି। ଆମକୁ ଆକ୍ରମଣାତ୍ମକ ଚିନ୍ତାଧାରା ଛାଡ଼ିବାକୁ ହେବ, ପରସ୍ପର ମଧ୍ୟରେ ସୁସମ୍ପର୍କ ରଖିବାକୁ ହେବ ବୋଲି ରାଜନାଥ ସତର୍କ କରିଛନ୍ତି।

## ଚଳିତ ମାସ ଶେଷ ସୁଦ୍ଧା ଦଶମ, ଯୁକ୍ତଦୁଇ କମ୍ପାର୍ଟମେଣ୍ଟ ପରୀକ୍ଷା

**ନୂଆଦିଲ୍ଲୀ :** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପକ୍ଷରୁ ଶୁକ୍ରବାର ସୁପ୍ରିମକୋର୍ଟକୁ କୁହାଯାଇଛି ଯେ, ସେପ୍ଟେମ୍ବର ଶେଷ ସୁଦ୍ଧା ଦଶମ ଏବଂ ଯୁକ୍ତଦୁଇ କମ୍ପାର୍ଟମେଣ୍ଟ ପରୀକ୍ଷା ହୋଇପାରେ। ତେବେ କରୋନା ମହାମାରୀ ଉପରେ ନଜର ରଖି ପରୀକ୍ଷା କେନ୍ଦ୍ର ସଂଖ୍ୟା ବୃଦ୍ଧି କରାଯାଇ ୧ହଜାର ୨୭୮ କରାଯାଇଛି। କମ୍ପାର୍ଟମେଣ୍ଟ ପରୀକ୍ଷା ବନ୍ଦ କରିବାକୁ ଶିକ୍ଷାର୍ଥୀଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦିଆଯାଇଥିବା ଆବେଦନପତ୍ରର ଶୁଣାଣି ବେଳେ ସିବିଏସ୍‌ଇ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପରୀକ୍ଷା ବନ୍ଦ ପାଇଁ ଛାତ୍ରଛାତ୍ରୀଙ୍କ ଆବେଦନପତ୍ରର ଶୁଣାଣି କରି ସୁପ୍ରିମକୋର୍ଟ ପକ୍ଷରୁ କୋଭିଡ୍-୧୯ ସମୟରେ ପରୀକ୍ଷାର ଆୟୋଜନ ପାଇଁ କେଉଁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ସେପ୍ଟେମ୍ବର ୭ ମଧ୍ୟରେ ନିଜ ଜବାବ ଦାଖଲ କରିବାକୁ ସିବିଏସ୍‌ଇକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାର ଆଗାମୀ ଶୁଣାଣି ସେପ୍ଟେମ୍ବର ୧୦ରେ ହେବ।

# ଗୁରୁତର କରୋନା ରୋଗୀଙ୍କ ପାଇଁ ସଞ୍ଜିବନୀ 'ଷ୍ଟେରଏଡ୍'

**ନୂଆଦିଲ୍ଲୀ,୩।୯ :** କରୋନା ଚିକିତ୍ସା ପାଇଁ ମିଳିଲା ସଞ୍ଜିବନୀ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଏନେଇ ବଡ ଦାବି କରିଛି। ଦୁନିଆର ଅଧିକାଂଶ ଦେଶରେ କରୋନା ସଂକ୍ରମଣ ମାମଲା ବଢ଼ି ଚାଲିଛି। ସଂକ୍ରମଣ ରୋକିବାକୁ ଭ୍ୟାକ୍ସିନ୍ ଉପରେ ରିସର୍ଚ୍ଚ କରୁଛନ୍ତି ବିଶ୍ୱର ବିଭିନ୍ନ ଦେଶ। କେତେକ ଭ୍ୟାକ୍ସିନ୍‌ର ପରୀକ୍ଷଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏସବୁ ଭିତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅଧ୍ୟୟନରୁ ବଡ ତଥ୍ୟ ମିଳିଛି। ହୁ ବୈଜ୍ଞାନିକଙ୍କ ଦ୍ୱାରା ହୋଇଥିବା ଅଧ୍ୟୟନରୁ ଏହି ତଥ୍ୟ ମିଳିଛି। ରିପୋର୍ଟରେ କୁହାଯାଇଛି ଷ୍ଟେରଏଡ୍ କରୋନା ସଂକ୍ରମିତ ଗମ୍ଭୀର ଆକ୍ରାନ୍ତଙ୍କ ଚିକିତ୍ସାରେ ଫଳପ୍ରଦ ହୋଇଛି। ଆମେରିକା ମେଡିକାଲ ଆସୋସିଏସନ ଜର୍ଣ୍ଣାଲରେ ପ୍ରକାଶିତ ରିପୋର୍ଟରେ ଅଲଗା ଅଲଗା ୭ଟି ଅଧ୍ୟୟନ ପରେ ଷ୍ଟେରଏଡ୍ ଗୁରୁତର କରୋନା ଆକ୍ରାନ୍ତଙ୍କୁ ବଞ୍ଚାଇ ପାରୁଥିବା କୁହାଯାଇଛି। ରିପୋର୍ଟ ମୁତାବକ କରୋନା ସହ ଲଢୁଥିବା ରୋଗୀ ଯାହାଙ୍କୁ ଅକ୍ସିଜେନ୍ ଦରକାର। ସେହିଭଳି କରୋନା ଆକ୍ରାନ୍ତଭ୍‌କ ଚିକିତ୍ସାରେ ଷ୍ଟେରଏଡ୍ ପ୍ରଭାବ




ଦେଖାଉଛି। ଏପରିକି ଆକ୍ରାନ୍ତଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବାରେ ସହାୟକ ହେଉଛି ଷ୍ଟେରଏଡ୍। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଡକ୍ଟର ମାର୍ଟିନ ଲୈଣ୍ଡ୍ରିଙ୍କ ମୁତାବକ ଅଧ୍ୟୟନ ପରେ କୋଭିଡ୍ ୧୯ ଚିକିତ୍ସା ପାଇଁ ଷ୍ଟେରଏଡ୍ ଦାମ ବଢ଼ିଯିବ। ଏହି ଅଧ୍ୟୟନ ରିସର୍ଚ୍ଚକୁ ଲିଡ୍ କରୁଥିବା ଟିମରେ ମାର୍ଟିନ ଅଛନ୍ତି। ଷ୍ଟେରଏଡ୍‌କୁ ଦୁନିଆର ଯେକୌଣସି ଦେଶରେ ବ୍ୟବହାର କରାଯାଇ ପାରିବ। ଏହାକୁ ନେଇ ଇମ୍ପୋରିୟଲ କଲେଜ୍ ଅଫ୍ ଲଣ୍ଡନର ଡକ୍ଟର ଏନ୍ଥନି ଗାର୍ଡନ କହିଛନ୍ତି କରୋନା ଚିକିତ୍ସା ଅନୁସନ୍ଧାନରେ ଏହା ବଡ ସଫଳତା। ଷ୍ଟେରଏଡ୍ ଔଷଧ ଅଧିକ ମହଙ୍ଗା ନୁହେଁ ଓ ସବୁଠି ମିଳିପାରିବ। ଏହାର ବ୍ୟବହାର ବହୁ ବର୍ଷ ଧରି କରାଯାଇଛି। ତେବେ, ଅତ୍ୟଧିକ ମାତ୍ରାରେ ବ୍ୟବହାର ପାର୍ଶ୍ୱପ୍ରତିକ୍ରିୟା ଦେଖାଇପାରେ। ଏପରିକି ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏନେଇ ଆଡଭାଇଜରୀ ଜାରି ହୋଇଛି। ଷ୍ଟେରଏଡ୍ କେବଳ କରୋନା ସଂକ୍ରମିତ ଗୁରୁତର ରୋଗୀଙ୍କୁ ଦିଆଯାଇ ପାରିବ। ଏହାକୁ କରୋନାର ପ୍ରାଥମିକ ଲକ୍ଷଣ ଦେଖାଯାଉଲେ ଦିଆଯିବ ନାହିଁ। ଅଲଗା ଅଲଗା ସ୍ଥାନରେ ପ୍ରାୟ ୧୭୦୦ କରୋନା ସଂକ୍ରମିତଙ୍କ ଠାରେ ଏହାର ୩ ପ୍ରକାରର ପରୀକ୍ଷଣ କରାଯାଇଛି। ଏଥିରୁ ଜଣାଯାଇଛି ଷ୍ଟେରଏଡ୍ ବ୍ୟବହାର ଦ୍ୱାରା ଗୁରୁତର ରୋଗୀଙ୍କ ମୃତ୍ୟୁ ଆଶଙ୍କା ଅନେକାଂଶରେ କମିଯାଇଛି। ସୂଚନାଥାଉ କି, ଡାକ୍ତର ଡେକ୍ସାମେଥାସୋନ, ହାଇଡ୍ରୋକାର୍ଟିସୋନ, ମିଥାଇଲ ପ୍ରେଡ଼ିସୋଲେନ ଭଳି ଷ୍ଟେରଏଡ୍ ଔଷଧ ରୋଗୀଙ୍କ ଶରୀରରେ ରୋଗ ପ୍ରତିଶେଧକ କ୍ଷମତା ବଢ଼ାଇବା ଲାଗି ଦିଆଯାଇଥାଏ। ଏହା ଦରଜ ସହିତ ମାଡ ହୋଇଥିବା ସ୍ଥାନର ଫୁଲା ଅଂଶକୁ କମାଇଥାଏ।

# ଭାରତୀୟ ଆଣବିକ ଯୁଦ୍ଧାସ୍ତ୍ର ରେଞ୍ଜରେ ସମଗ୍ର ଚୀନ୍

**ନୂଆଦିଲ୍ଲୀ :** ଚୀନ୍ ଆଡୁ ବିପଦ ଆଶଙ୍କା ବଢ଼ି ଚାଲିଥିବାରୁ ଭାରତ ନିଜର ଆଣବିକ ରଣନୀତିରେ ଏକ ବଡ ପରିବର୍ତ୍ତନ ଆଣିଛି। ପୂର୍ବରୁ ଭାରତ ମୁଖ୍ୟତଃ ପାକିସ୍ତାନକୁ




କେନ୍ଦ୍ରରେ ରଖି ନିଜର ସାମରିକ ଓ ଆଣବିକ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଏବେ ଫୋକସରେ ରହିଛି ଚୀନ୍। ଚୀନକୁ ଫୋକସ କରି ହିଁ ଭାରତ ନିଜର ଆଣବିକ ଅସ୍ତ୍ରଶସ୍ତ୍ର ବହନ କରୁଥିବା ମିସାଇଲ ଗୁଡିକୁ ସ୍ଥାପିତ କରିଛି। ସମଗ୍ର ବିଶ୍ୱରେ ଆଣବିକ ଅସ୍ତ୍ରଶସ୍ତ୍ର ଉପରେ ଗବେଷଣା କରୁଥିବା ସଂସ୍ଥା 'ବୁଲେଟିନ ଅଫ୍ ଦି ଆଟମିକ ସାଇଣ୍ଟିଷ୍ଟସ' ପକ୍ଷରୁ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଡିଆନ ନ୍ୟୁକ୍ଲିୟର ଫୋର୍ସେସ ୨୦୨୦ ନାମକ ଏହି ରିପୋର୍ଟରେ କୁହାଯାଇଛି ଯେ, ପାରମ୍ପରିକ ସାମରିକ ଶକ୍ତିରେ ଚୀନ ଭାରତଠାରୁ ଶକ୍ତିଶାଳୀ ହୋଇଥିବାରୁ ଭାରତ ନିଜର ଆଣବିକ ପ୍ରତିରକ୍ଷା କ୍ଷମତାରେ ଏକ ବଡ ପରିବର୍ତ୍ତନ ଆଣିଛି। ପୂର୍ବରୁ ଭାରତ ମୁଖ୍ୟତଃ ପାକିସ୍ତାନକୁ କେନ୍ଦ୍ରରେ ରଖି ନିଜର ସାମରିକ ଓ ଆଣବିକ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଏବେ ଭାରତୀୟ ମିସାଇଲ ଗୁଡିକର ଟାର୍ଗେଟରେ ରହିଛି ଚୀନ୍। ଅର୍ଥାତ୍ ଚୀନକୁ ଟାର୍ଗେଟରେ ରଖି ଭାରତ ନିଜର ମିସାଇଲ ଗୁଡିକୁ ପ୍ରସ୍ତୁତ ରଖିଛି। ଭାରତର ଦୂରଗାମୀ କ୍ଷେପଣାସ୍ତ୍ର ଅଗ୍ନି-୪ର ରେଞ୍ଜରେ ଚୀନର ବେଜିଂ, ସାଂଘାଇ ସମେତ ଅଧିକାଂଶ ପ୍ରମୁଖ ଟାର୍ଗେଟ ରହିଛି। ଉତ୍ତର ଭାରତରେ ବିଭିନ୍ନ ସ୍ଥାନରେ ଏସବୁ କ୍ଷେପଣାସ୍ତ୍ରକୁ ପ୍ରସ୍ତୁତ ରଖାଯାଇଛି। କେବଳ ଏତିକି ନୁହେଁ, ଭାରତ ପକ୍ଷରୁ ଅଗ୍ନି-୬ର ବିକାଶ କରାଯାଉଛି। ଏହା ଏକ ଅନ୍ତଃମହାଦେଶୀୟ କ୍ଷେପଣାସ୍ତ୍ର ଓ ଏହାର ରେଞ୍ଜରେ ସମଗ୍ର ଚୀନ୍ ଆସିବ।

**ଜାତିସଂଘରେ ପାକିସ୍ତାନକୁ ଝଟକା**

# ଫେଲ ମାରିଲା ଦୁଇ ଭାରତୀୟଙ୍କୁ ଆତଙ୍କୀ ଘୋଷଣା ଯୋଜନା

**ନୂଆଦିଲ୍ଲୀ :** ଦୁଇ ଭାରତୀୟ ନାଗରିକଙ୍କୁ ଆତଙ୍କବାଦୀ ଘୋଷଣା କରିବା ପାଇଁ ପାକିସ୍ତାନ କରିଥିବା ଯୋଜନା ଫେଲ୍ ମାରିଛି। ଜାତିସଂଘ ସୁରକ୍ଷା ପରିଷଦରେ ପାକିସ୍ତାନ ଦୁଇ ଭାରତୀୟଙ୍କ ନାଁ ଦାଖଲ କରି ସେମାନଙ୍କୁ ଆତଙ୍କବାଦୀ ଘୋଷଣା କରିବାକୁ ଯୋଜନା କରିଥିଲା। ହେଲେ ପାକିସ୍ତାନର ସବୁ ଚାଲ ଭଣ୍ଡୁର ହୋଇଯାଇଛି। ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟ ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଓ ବେଲଜିୟମ ପକ୍ଷରୁ ପାକିସ୍ତାନ ଦେଇଥିବା ଭାରତ ବିରୋଧୀ ପ୍ରସ୍ତାବକୁ ଜୋରଦାର ବିରୋଧ କରାଯାଇଥିଲା। ଶେଷରେ ପାକିସ୍ତାନ ତା' ଯୋଜନାରେ ଫେଲ ମାରିଥିଲା। ଜାତିସଂଘର ସଦସ୍ୟମାନେ ସହଯୋଗ କରିଥିବାରୁ ଏନେଇ ଭାରତ ପକ୍ଷରୁ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଯାଇଛି। ଏହି ପରିଷଦର ସଦସ୍ୟମାନେ ଦୁଇ ଭାରତୀୟ ନାଗରିକଙ୍କୁ ଆତଙ୍କବାଦୀ ତାଲିକାରେ ତାଲିକାଭୁକ୍ତ କରିବାକୁ ବିରୋଧ କରିବା ସହିତ ଆତଙ୍କବାଦ ଉପରେ ଜାତିସଂଘର ପ୍ରକ୍ରିୟାକୁ ରାଜନୀତିକରଣ କରିବା ପାଇଁ ଇସଲାମାବାଦର 'ଖୋଲା ଉଦ୍ୟମ'କୁ ବିଫଳ କରିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲକାଏଦା ପ୍ରତିବନ୍ଧକ କମିଟିରେ ପାକିସ୍ତାନ ଦୁଇ ଭାରତୀୟ ଅଙ୍ଗରା ଆପାଜୀ ଏବଂ ଗୋବିନ୍ଦ ପଟ୍ଟନାୟକଙ୍କୁ ଆତଙ୍କବାଦୀ ଘୋଷଣା କରିବା ନିମନ୍ତେ ଦାଖଲ କରିଥିଲା। ତେବେ ସେମାନଙ୍କୁ କାହିଁକି ଆତଙ୍କୀ ଘୋଷଣା କରାଯିବ, ତା'ର ପ୍ରମାଣ ପାକିସ୍ତାନ ଦାଖଲ କରିପାରି ନଥିଲା। ତେଣୁ ଜାତିସଂଘ ସୁରକ୍ଷା



ପରିଷଦ ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲା। ଜାତିସଂଘରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଟିଏମ୍ ତ୍ରିମୂର୍ତ୍ତି ଟ୍ୱିଟ୍ କରି କହିଛନ୍ତି, ପାକିସ୍ତାନ ଜାତିସଂଘର ୧୨୬୭ ଆତଙ୍କବାଦୀ ଆଇନକୁ ରାଜନୀତିକ କରଣ କରି ଏହାକୁ ଧାର୍ମିକ ରଙ୍ଗ ଦେବାକୁ ଚେଷ୍ଟା କରିଥିଲା। କିନ୍ତୁ ପାକିସ୍ତାନର ସମସ୍ତ ଉଦ୍ୟମକୁ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟମାନେ ଭଣ୍ଡୁର କରିଦେଇଛନ୍ତି। ଏଥିପାଇଁ ଭାରତ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ବୋଲି ସେ ଟ୍ୱିଟ୍ କରିଛନ୍ତି। ଏହାପୂର୍ବରୁ ପାକିସ୍ତାନ ଅଜୟ ମିସ୍ତ୍ରୀ ଏବଂ ବେଣୁମାଧବ ଡୋଙ୍ଗରାଙ୍କୁ ଆତଙ୍କବାଦୀ ତାଲିକାଭୁକ୍ତ କରିବା ପାଇଁ ଆବେଦନ କରିଥିଲା। ଏହାକୁ ଜାତିସଂଘ ସୁରକ୍ଷା ପରିଷଦ ଖାରଜ କରିଥିଲା।

## କେମିତି କଟିବ ଏ ସପ୍ତାହ

**ମେଷ** – ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। ବିଦେଶ ଭ୍ରମଣ କରିପାରନ୍ତି।

**ବୃଷ** – ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଧର୍ମାନୁଷ୍ଠାନରେ ମନ ବଳାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିକୁ ଉଚ୍ଚପଦ ମିଳିପାରେ।

**ମିଥୁନ** – ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**କର୍କଟ** – ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ସିଂହ** – ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**କନ୍ୟା** – ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**ତୁଳା** – ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସୁବିଧା ଲାଗି ରହିବ।


**ବିଛା** – ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।

**ଧନୁ** – ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**ମକର** – ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**କୁମ୍ଭ** – ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦେଶର ଭ୍ରମଣର ସୁଯୋଗ ରହିଛି।

**ମୀନ** – ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧



# ଗୋପାଳପୁରରେ ପ୍ରତିଷ୍ଠା ହେବ ବୃହତ ଔଷଧ ପାର୍କ

**ଭୁବନେଶ୍ୱର :** ଅଣ-ଖଣିଜ ଭିତ୍ତିକ ଶିଳ୍ପାୟନ ମାଧ୍ୟମରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ସରକାରଙ୍କ ତରଫରୁ ରାଜ୍ୟରେ ବୃହତ୍ ଔଷଧ ପାର୍କ ପ୍ରତିଷ୍ଠା ପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲେମାଡେର ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ କୁମାର ଶର୍ମା ପାର୍କ ପ୍ରତିଷ୍ଠାର ସମ୍ଭାବନା ଏବଂ ତତ୍ ସମ୍ବନ୍ଧିତ ବୈଷୟିକ ଓ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଓଡ଼ିଶାରେ ବୃହତ ଔଷଧ ପାର୍କର ବ୍ୟାପକ ସମ୍ଭାବନାକୁ ବିଚାର କରି ଏଥିପାଇଁ ଯଥାଶୀଘ୍ର ଏକ ବିସ୍ତୃତ ପ୍ରକଳ୍ପ ପ୍ରସ୍ତାବ କରିବା ପାଇଁ ମୁଖ୍ୟଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ପାର୍କ ପ୍ରତିଷ୍ଠା ପ୍ରସ୍ତାବର ରୂପାୟନ ନିମନ୍ତେ ଏକ କାର୍ଯ୍ୟାନ୍ୱୟନ ସଂସ୍ଥା ଗଠନ କରିବାକୁ ମଧ୍ୟ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧୫ଦିନ ମଧ୍ୟରେ ପ୍ରକଳ୍ପ ପ୍ରସ୍ତୁତ ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୋପାଳପୁର ସ୍ଥିତ ଟାଟା ସ୍ୱତନ୍ତ୍ର ଆର୍ଥିକ ଅଞ୍ଚଳ (ଏସ୍ଇଜେଡ୍) ଠାରେ ଏହି ପାର୍କ ପ୍ରତିଷ୍ଠା ନିମନ୍ତେ ବୈଠକରେ ନୀତିଗତ ନିଷ୍ପତ୍ତି ହୋଇଥିଲା। ପାର୍କ ପାଇଁ ଆବଶ୍ୟକୀୟ ପ୍ରାୟ ୧୦୦୦ ଏକର ଜମି ଉପଲବ୍ଧ ହେବ। ଏହି ସ୍ଥାନ ମଧ୍ୟ ବନ୍ଦର, ରେଳବାଇ ଏବଂ ଜାତୀୟ ରାଜପଥ ସହ ସଂଯୁକ୍ତ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ଦୁଇ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଏହି ସ୍ଥାନରେ ପହଞ୍ଚି ହେବ। ଗୋପାଳପୁରରେ ମଧ୍ୟ ଏକ 'ଏୟାର ଷ୍ଟ୍ରିପ୍' ରହିଛି, ଯାହାକୁ ଭବିଷ୍ୟତରେ ଗମନାଗମନ ପାଇଁ ବ୍ୟବହାର କରାଯାଇପାରିବ। ପ୍ରମୁଖ ଶାସନ ସଚିବ ଶ୍ରୀ ଶର୍ମା କହିଥିଲେ ଯେ, ଏହି ପାର୍କରେ



ଉନ୍ନତମାନର ସାଧାରଣ ଭିତ୍ତିଭୂମି ସୃଷ୍ଟି କରାଯିବ। ସାଧାରଣ ବର୍ଜ୍ୟ ପରିଚାଳନା ପ୍ଲାଣ୍ଟ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ, ମାଲଗୋଦାମ, ସ୍ୱତନ୍ତ୍ର ବିଦ୍ୟୁତ୍ ବିତରଣ ବ୍ୟବସ୍ଥା, ସାଧାରଣ ବାଷ୍ପ ସୃଷ୍ଟି ଓ ବଣ୍ଟନ ପ୍ଲାଣ୍ଟ, ଆଧୁନିକ ପରୀକ୍ଷାଗାର, ବୈଷୟିକ ଇନ୍କୁବେଟର, ବୌଦ୍ଧିକ ସମ୍ପତ୍ତି ସମ୍ବନ୍ଧିତ ସେବା ଆଦି ଏହି ସାଧାରଣ ଭିତ୍ତିଭୂମିର ମୁଖ୍ୟ ଅଂଶ ହେବ। ପାର୍କରେ ସାଧାରଣ ଭିତ୍ତିଭୂମିର ବିକାଶ ନିମନ୍ତେ ପ୍ରାୟ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ସହଯୋଗ ଯୋଗାଇ ଦେବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପାର୍କର ରୂପାୟନ ନିମନ୍ତେ ଇଡ୍କୋ ଏବଂ ଟାଟା ଏସ୍ଇଜେଡ୍ ମଧ୍ୟରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ବାହକ ଗଠନ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏଥିରେ ଇଡ୍କୋ ପ୍ରମୁଖ ଅଂଶୀଦାର ରହିବେ। ପ୍ରମୁଖ ଶାସନ ସଚିବ ଶ୍ରୀ ଶର୍ମା ଜଣାଇଥିଲେ ଯେ, ଏହି ପାର୍କ ମାଧ୍ୟମରେ ପ୍ରାୟ ୫୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଚଳିତ ମାସ ୨୫ ତାରିଖ ମଧ୍ୟରେ ପ୍ରକଳ୍ପ ପ୍ରସ୍ତାବ ଚୂଡ଼ାନ୍ତ କରି କେନ୍ଦ୍ର ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ସୁରେଶଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଇପିକଲର ପରିଚାଳନା ନିର୍ଦ୍ଦେଶକ ନିତୀନ୍ ଭାନୁଦାସ ଜାୱାଲେଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପୁଣି ୪ ମାସ ଆଗୁଆ ମିଳିବ ମଧୁବାବୁ ପେନ୍‌ସନ

**ଭୁବନେଶ୍ୱର :** ମଧୁବାବୁ ପେନସନ୍ ଯୋଜନାରେ ପୁଣି ଆଗୁଆ ୪ ମାସର ଭତ୍ତା ପ୍ରଦାନ କରାଯିବ। ବରିଷ୍ଠ ନାଗରିକଙ୍କ ପାଇଁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ କରୋନା ଆରମ୍ଭ ହେବା ସମୟରେ ସରକାର ଏହି ଅଗ୍ରୀମ ଭତ୍ତା ବ୍ୟବସ୍ଥାକୁ ଲାଗୁ କରିଥିଲେ। ଗତ ୪ ମାସ ଏପ୍ରିଲ୍, ମେ, ଜୁନ୍, ଜୁଲାଇ ମାସ ପାଇଁ ରାଜ୍ୟ ସରକାର ଅଗ୍ରିମ ଭତ୍ତା ମେ' ମାସରେ ହିଁ ପ୍ରଦାନ କରିଥିଲେ। ତେବେ ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସ ପାଇଁ ଅଗ୍ରିମ ୪ମାସର ପେନସନ୍ ଦେବା ନେଇ ସାମାଜିକ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା ସୂଚନା ଦେଇଛନ୍ତି। ସେହିଭଳି ରାଜ୍ୟ ସରକାର ଅଗଷ୍ଟ ମାସରେ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ସହ କିନ୍ନରଙ୍କ କ୍ଷେତ୍ରରେ ମଧ୍ୟ ଏହି ସୁବିଧା ଲାଗୁ କରିଥିଲେ। ରାଜ୍ୟରେ ମଧୁବାବୁ ପେନ୍‌ସନ ଯୋଜନାରେ ଥିବା ହିତାଧିକାରୀଙ୍କୁ ସେପ୍ଟେମ୍ବର ମାସରେ ଏକକାଳୀନ ୪ ମାସର ଭତ୍ତା ମିଳିବ। ସୂଚନାଯୋଗ୍ୟ ବର୍ତ୍ତମାନ ରାଜ୍ୟରେ ୪୮ ଲକ୍ଷ ମଧୁବାବୁ ପେନ୍‌ସନ୍ ଉପଭୋକ୍ତା ରହିଛନ୍ତି। ଏଥି ସହିତ ଚଳିତ ବର୍ଷ ଜୁଲାଇ ମାସରେ ମଧ୍ୟ ରାଜ୍ୟ ସରକାର କରୋନା ପାଇଁ ରାଜ୍ୟରେ ଥିବା ୪୮ ଲକ୍ଷ ମଧୁବାବୁ ପେନ୍‌ସନ୍ ଉପଭୋକ୍ତାଙ୍କୁ ୪ ମାସ ପର୍ଯ୍ୟନ୍ତ ୧୦୦୦ ଲେଖାଏଁ ଅତିରିକ୍ତ ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ ଏବଂ ଉପଭୋକ୍ତାଙ୍କ ଏହି ଅର୍ଥ ମଧ୍ୟ ଦିଆଯାଉଛି ବୋଲି ବିଭାଗୀୟ ମନ୍ତ୍ରୀ ଅଶୋକ ପଣ୍ଡା ସୂଚନା ଦେଇଛନ୍ତି।

## ଖୁବ୍‌ଶୀଘ୍ର ଓଡ଼ିଶାରେ ନୌକାବିହାର ପର୍ଯ୍ୟଟନ

**ଭୁବନେଶ୍ୱର :** କୋଭିଡ୍ ପ୍ରଭାବିତ ପର୍ଯ୍ୟଟନ ଶିଳ୍ପକୁ ପୁନଃ ଚଳଚଞ୍ଚଳ କରିବା ନିମନ୍ତେ ରାଜ୍ୟରେ ଯଥାଶୀଘ୍ର ନୌକାବିହାର ପର୍ଯ୍ୟଟନ (ରିଭର୍ କ୍ରୁଇସ୍) ଆରମ୍ଭ କରିବାକୁ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟନ ବିଶେଷଜ୍ଞ ଏବଂ ଏହି ଶିଳ୍ପ ସହ ସମ୍ପୃକ୍ତ ବିଭାଗ ଓ ସଂସ୍ଥାମାନଙ୍କ ସହ ଆଲୋଚନା କରି ଶ୍ରୀ ତ୍ରିପାଠୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ପର୍ଯ୍ୟଟନ ସଚିବ ବିଶାଳ ଦେବ ରାଜ୍ୟରେ ନୌକାବିହାର ପର୍ଯ୍ୟଟନ ସମ୍ବନ୍ଧିତ ବିଭିନ୍ନ ନୀତିଗତ ବୈଷୟିକ ଆବଶ୍ୟକତା ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ରାଜ୍ୟର ନଦୀ ଓ ସମୁଦ୍ରରେ ନୌକାବିହାର ପର୍ଯ୍ୟଟନ ପାଇଁ ବ୍ୟାପକ ସୁଯୋଗ ରହିଛି। ଏହି ପର୍ଯ୍ୟଟନର ବ୍ୟବସାୟିକ ଚାହିଦା ମଧ୍ୟ ଅଛି। ଏ ପ୍ରକାର ପର୍ଯ୍ୟଟନରେ କୋଭିଡ୍-୧୯ କଟକଣାର ଅନୁପାଳନ ମଧ୍ୟ ସହଜ। ନୌକାବିହାର ପର୍ଯ୍ୟଟନକୁ ରାଜ୍ୟର କେତେକ ପରିବେଶ ପର୍ଯ୍ୟଟନ (ଇକୋ-ଟୁରିଜିମ୍) ସ୍ଥାନ ସହ ସଂଯୋଜିତ କରି ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାପଡ଼ିଛି ଯେ, ରାଜ୍ୟରେ ୩ଟି ନୌକାବିହାର ପର୍ଯ୍ୟଟନ ପରିପଥ (ସର୍କିଟ୍) ଆରମ୍ଭ କରାଯାଇପାରିବ। ଏଗୁଡ଼ିକ ହେଲା- ମହାନଦୀ, ଭିତରକନିକା, ଚିଲିକା ଏବଂ ଜାତୀୟ ଜଳପଥ-୫। ଭିତରକନିକା ସର୍କିଟ୍‌ରେ ଚାନ୍ଦବାଲି-ଆରଡ଼ି-ଧାମରା-ଖୋଳା ଏବଂ ଭିତରକନିକାସ୍ଥିତ ଇକୋ-ସ୍ପଟ୍‌ଗୁଡ଼ିକୁ ସଂଯୋଜିତ କରି ୫ ରାତ୍ରି ଏବଂ ୬ଦିନିଆ କ୍ରୁଇସ୍ ଆୟୋଜନ କରାଯାଇପାରିବ। ସେହିପରି ଚିଲିକା ସର୍କିଟ୍‌ରେ ଚିଲିକା-କାଳିଜାଇ-ନଳବଣ-ହନିମୁନ୍ ଦ୍ୱୀପ-ମଙ୍ଗଳାଯୋଡ଼ି-ସାତପଡ଼ା-ରାଜହଂସ ଦ୍ୱୀପ-ପୁରୀକୁ ସଂଯୋଜିତ କରି ୩ ରାତ୍ରି ଏବଂ ୪ଦିନିଆ କ୍ରୁଇସ୍ ଆୟୋଜନ ହୋଇପାରିବ। ମୁଖ୍ୟ ସଚିବ କହିଥିଲେ, ଏପ୍ରକାର ପର୍ଯ୍ୟଟନ ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ। ଘରୋଇ-ସରକାରୀ ସହଭାଗିତା (ପିପିପି) ମୋଡ୍‌ରେ ଏହି ପ୍ରକଳ୍ପ ଆରମ୍ଭ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ପର୍ଯ୍ୟଟନ ନିଗମ ସହ ସମନ୍ୱିତ ଭାବେ ବିସ୍ତୃତ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ମୁଖ୍ୟ ସଚିବ ରାଜ୍ୟ ପିପିପି ସେଲ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଇନ୍-ଲ୍ୟାଣ୍ଡ ଜଳପଥ କର୍ତ୍ତୃପକ୍ଷଙ୍କ ସହ ଆଇନଗତ ଆବଶ୍ୟକତା ବିଷୟରେ ଯୋଗାଯୋଗ କରିବାକୁ ପର୍ଯ୍ୟଟନ ବିଭାଗକୁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଡ. ମୋନା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା, ଜଳସମ୍ପଦ ପ୍ରମୁଖ ସଚିବ ଅନୁ ଗର୍ଗ, ପର୍ଯ୍ୟଟନ ସଚିବ ବିଶାଳ ଦେବ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୩୦ ସୁଦ୍ଧା ୟୁଜି-ପିଜି ପରୀକ୍ଷା

**ଭୁବନେଶ୍ୱର :** ୟୁଜିସି ମାର୍ଗଦର୍ଶିକା ଅନୁସାରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଣ୍ଡର ଗ୍ରାଜୁଏଟ୍ ଶେଷବର୍ଷ ସେମିଷ୍ଟର ଫାଇନାଲ ପରୀକ୍ଷା ଏବଂ ପୋଷ୍ଟ୍ ଗ୍ରାଜୁଏଟ୍ ଶେଷବର୍ଷ ସେମିଷ୍ଟର ଫାଇନାଲ ପରୀକ୍ଷା ସେପ୍ଟମ୍ବର ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ଏବଂ ଅକ୍ଟୋବର ୩୧ ତାରିଖ ସୁଦ୍ଧା ସମସ୍ତ ପରୀକ୍ଷା ଫଳ ପ୍ରକାଶ କରାଯିବ। ୟୁଜିସି ମାର୍ଗଦର୍ଶିକା ଅନୁଯାୟୀ ପରୀକ୍ଷା ଅଫ୍‌ଲାଇନ୍, ଅନ୍‌ଲାଇନ୍, ବ୍ଲେଣ୍ଡେଡ୍ (ଅନ୍‌ଲାଇନ୍ +ଅଫ୍‌ଲାଇନ) ମଲ୍ଟିପ୍‌ଲ ଚଏସ୍, ଓପନ୍ ବୁକ୍ ଏବଂ ଓଏମ୍ଆର୍ ଆଦି ଯେକୌଣସି ଅନୁମୋଦିତ ପଦ୍ଧତିରେ କରାଯାଇପାରିବ। ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଓ ସ୍ୱଂୟଶାସିତ ମହାବିଦ୍ୟାଳୟଗୁଡ଼ିକ ଉପଯୁକ୍ତ ପରୀକ୍ଷା ପଦ୍ଧତି ବିଷୟରେ ନିଷ୍ପତ୍ତି ନେବେ। ଭିଡିଓ କନ୍‌ଫେରନ୍ସିଂ ମାଧ୍ୟମରେ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ସ୍ୱଂୟଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କର ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ ଅରୁଣ ସାହୁ, ଉଚ୍ଚଶିକ୍ଷା ବିଭାଗର ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଅଶୋକ ଦାସଙ୍କ ସମେତ ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟକ୍ଷାମାନେ ଭିଡିଓ କନ୍‌ଫେରନ୍ସିଂ ମାଧ୍ୟମରେ ସାମିଲ ହୋଇଥିଲେ। ୟୁଜିସି ମାର୍ଗଦର୍ଶିକା ଅନୁସାରେ ଯେଉଁ ଛାତ୍ରଛାତ୍ରୀମାନେ ଫାଇନାଲ୍ ପରୀକ୍ଷା ଦେବାକୁ ଚାହିଁବେ ନାହିଁ କିମ୍ବା ଦେଇପାରିବେ ନାହିଁ, ସେମାନଙ୍କ ନିମନ୍ତେ କୋଭିଡ୍-୧୯ ପରିସ୍ଥିତି ସୁଧୁରିଲେ ବିଶ୍ୱବିଦ୍ୟାଳୟ/ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ପରୀକ୍ଷା ପେନ୍ ଏବଂ ପେପର ମୋଡ୍‌ରେ ଡିସେମ୍ବର, ୨୦୨୦ରେ କରିବାପାଇଁ ବ୍ୟବସ୍ଥା କରାଯିବ। ଏଥିସହିତ ଫାଇନାଲ୍ ସେମିଷ୍ଟର ବା ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ବ୍ୟାକ୍ ପେପର ପରୀକ୍ଷା କରାଯାଇ ଅକ୍ଟୋବର ୩୧ ତାରିଖ ସୁଦ୍ଧା ଫଳ ପ୍ରକାଶ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ୩ ଜିଲ୍ଲାରେ ଖୋଲିବ ୮ କୋଭିଡ୍ ହସ୍ପିଟାଲ

**ଭୁବନେଶ୍ୱର :** କୋଭିଡ୍ ମୁକାବିଲାକୁ ବ୍ୟାପକ କରିବା ଲାଗି ରାଜ୍ୟର ୩ଟି ଜିଲ୍ଲାରେ ୮ଟି ନୂଆ କୋଭିଡ୍-୧୯ ହସ୍ପିଟାଲ ଖୋଲାଯିବ। କଟକ, ଖୋର୍ଦ୍ଧା ଓ କୋରାପୁଟ ଜିଲ୍ଲାରେ ଥିବା ସରକାରୀ ଓ ଘରୋଇ ହସ୍ପିଟାଲରେ ଏହି କୋଭିଡ୍-୧୯ ହସ୍ପିଟାଲ ଗୁଡିକ ଖୋଲାଯିବ। ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପକ୍ତ କୁମାର ମହାପାତ୍ର ଏହି ସୂଚନା ଦେଇଛନ୍ତି। ଏନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କଟକ, ଖୋର୍ଦ୍ଧା ଓ କୋରାପୁଟ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ଶ୍ରୀ ମହାପାତ୍ରଙ୍କ ଚିଠି ଅନୁସାରେ ଏସ୍‌ସିବି ମେଡିକାଲ କଲେଜର ନୂଆ ମେଡିସିନ୍ ବ୍ଲକରେ ୨୦୦ ଶଯ୍ୟାବିଶିଷ୍ଟ ଉତ୍ସର୍ଗୀକୃତ କୋଭିଡ୍-୧୯ ହସ୍ପିଟାଲ ଖୋଲିବ। ଏଠାରେ ୩୯ଟି ଆଇସିୟୁ ରହିବ। ସେହିଭଳି ଏସ୍‌ସିବିର ପୋଷ୍ଟମର୍ଟମ କୋଠା ଓ ପ୍ରସୂତୀ ବିଭାଗର ପ୍ରଥମ ମହଲାକୁ କୋଭିଡ୍-୧୯ ୱାର୍ଡ ଭାବେ ବ୍ୟବହାର




କରାଯିବ। କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ମଧ୍ୟ ଉତ୍ସର୍ଗୀକୃତ କୋଭିଡ୍-୧୯ ହସ୍ପିଟାଲ ଖୋଲାଯିବ। ଏଠାରେ ୬୫ଟି ବେଡ ଓ ୫ଟି ଆଇସିୟୁ ରହିବ। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଉତ୍ସର୍ଗୀକୃତ କୋଭିଡ୍ ହସ୍ପିଟାଲ ଖୋଲିବ ବୋଲି ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ସ୍ଥିତ ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲରେ ୨୫ଟି ଅତିରିକ୍ତ ଆଇସିୟୁ ବେଡ ଥିବା କୋଭିଡ୍ ହସ୍ପିଟାଲ ହେବ। ଏଠାରେ ପୂର୍ବରୁ ୩୦ଟି ଆଇସିୟୁ କାର୍ଯ୍ୟକ୍ଷମ ହେଉଛି। ଭୁବନେଶ୍ୱର ଢୁମଢୁମାସ୍ଥିତ କାନୁନଗୋ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡାଇବେଟିଜ୍ (କିଡ୍‌ସ)ରେ ମଧ୍ୟ ଉତ୍ସର୍ଗୀକୃତ କୋଭିଡ୍-୧୯ ହସ୍ପିଟାଲ ଖୋଲାଯିବ। ଏଠାରେ ୬୬ଟି ସାଧାରଣ ବେଡ, ୩୪ଟି ଆଇସିୟୁ ସମେତ ମୋଟ ୧୧୨ଟି ଶଯ୍ୟା ରହିବ। ସେହିପରି କଟକ ତୁଳସୀପୁରସ୍ଥିତ ସନ୍ ହସ୍ପିଟାଲରେ ମଧ୍ୟ ଉତ୍ସର୍ଗୀକୃତ କୋଭିଡ୍ ହସ୍ପିଟାଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଠାରେ ୧୦୫ଟି ଶଯ୍ୟା ଓ ୩୦ଟି ଆଇସିୟୁର ବ୍ୟବସ୍ଥା ରହିବ ଏବଂ ଆବଶ୍ୟକ ସ୍ଥଳେ ଏହାର ଆଇସିୟୁ ସଂଖ୍ୟା ୫୦କୁ ବୃଦ୍ଧି କରାଯାଇପାରେ। କଟକର କାଠଗୋଲା ସାହିରେ ଥିବା ସୃଷ୍ଟି ହସ୍ପିଟାଲରେ ମଧ୍ୟ ଉତ୍ସର୍ଗୀକୃତ କୋଭିଡ ହସ୍ପିଟାଲ ଖୋଲାଯିବ। ଏଥିରେ ୬୦ଟି ସାଧାରଣ ଶଯ୍ୟା ଓ ୧୫ଟି ଆଇସିୟୁ ରହିବ। ଦରକାର ପଡିଲେ ଆଇସିୟୁ ବେଡ ସଂଖ୍ୟା ୫୦କୁ ବୃଦ୍ଧି କରାଯିବ ବୋଲି ରାଜ୍ୟ ସରକାର କହିଛନ୍ତି।

## ଓଡ଼ିଶାକୁ ଲୋଡ଼ା ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି: ଶକ୍ତିମନ୍ତ୍ରୀ

**ଭୁବନେଶ୍ୱର :** ଓଡ଼ିଶା ଭଳି ବନ୍ୟା, ବାତ୍ୟାପ୍ରବଣ ରାଜ୍ୟ ପାଇଁ ବାତ୍ୟା ନିରୋଧୀ ବିଦ୍ୟୁତ ଭିତ୍ତିଭୂମିର ଆବଶ୍ୟକତା ରହିଛି ବୋଲି ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଏନର୍ଜି-କନ୍‌କ୍ଲେଭ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମିଶ୍ର ଏହା ପ୍ରକାଶ କରିଛନ୍ତି। ଏଥି ସହିତ ପ୍ରାକୃତିକ, ସ୍ୱଚ୍ଛ ଏବଂ ଗ୍ରୀନ୍ ଏନର୍ଜି ଭଳି ଅକ୍ଷୟ ଶକ୍ତି ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବାକୁ ସେ ଶକ୍ତି ଉତ୍ପାଦନ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଥିଲେ। ଏହି କନ୍‌କ୍ଲେଭ୍‌ରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ମହାମାରୀ ସମୟରେ ସ୍ମାର୍ଟ ମିଟରିଂର ବହୁ ଉପାଦେୟ ହୋଇପାରିବ କିନ୍ତୁ ଏଥିପାଇଁ ଅତିରିକ୍ତ ବ୍ୟୟର ମଧ୍ୟ ଆବଶ୍ୟକତା ରହିଛି ବୋଲି କହିଥିଲେ। ତା'ସହିତ ଯଦି ସବୁକିଛି ସ୍ୱାଭାବିକ ଭାବେ କାର୍ଯ୍ୟ କରେ ତେବେ ଆଗାମୀ ଡିସେମ୍ବର ୨୦୨୦ ସୁଦ୍ଧା ତିନିଟି ବିଦ୍ୟୁତ୍ ବିତରଣ କମ୍ପାନୀକୁ ଘରୋଇକରଣ କରାଯିବ ବୋଲି ସେ କହିଥିଲେ। କରୋନା ଲକ୍‌ଡାଉନ୍ ଯୋଗୁଁ ବିଦ୍ୟୁତ୍ ରାଜସ୍ୱ ଆଦାୟ ବହୁଳ ଭାବେ ବାଧାପ୍ରାପ୍ତ ହୋଇଥିବା ଦର୍ଶାଇ କ୍ଷତିର ପରିମାଣ ୨୦%ରୁ ୩୦%କୁ ବୃଦ୍ଧି ପାଇଛି। ସେହିପରି ଟାଟା ପାୱାର ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିଃର କ୍ଷତିର ପରିମାଣ ୪୬% ହୋଇଛି ବୋଲି ସେ କହିଥିଲେ। ଆଗାମୀ ଦିନରେ କ୍ଷୁଦ୍ର ଗ୍ରୀଡ୍ ବ୍ୟବସ୍ଥା ଏ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିପାରିବ ବୋଲି ବିଶେଷଜ୍ଞମାନେ ସମ୍ମିଳନୀରେ ମତବ୍ୟକ୍ତ କରିଥିଲେ। ଏହି କନ୍‌କ୍ଲେଭ୍‌ରେ ଟାଟା ପାୱାରର ମୁଖ୍ୟ ନିର୍ବାହୀ ଅଧିକାରୀ ସେନ୍‌ବାଗମ୍ ମହିରାମ କହିଥିଲେ ଯେ, ବିଦ୍ୟୁତ ବିତରଣ ଏବଂ ବ୍ୟବହାର ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ଖୁଚୁରା ବିତରଣ ବୈଷୟିକ ଜ୍ଞାନକୌଶଳ ହିଁ ଭବିଷ୍ୟତରେ ଏକମାତ୍ର ସଫଳ ଉପାୟ ବୋଲି କହିଥିଲେ। ଫ୍ଲୁଏ ଗ୍ରୀଡ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ମୁରଲୀ କ୍ରିଷ୍ଣା ବିଦ୍ୟୁତ୍ ସେବା କ୍ଷେତ୍ରରେ ସ୍ମାର୍ଟ ଗ୍ରୀଡ୍ ବ୍ୟବସ୍ଥା କିପରି କାର୍ଯ୍ୟ କରିବ ଏବଂ ଏହା ହିଁ ବିଦ୍ୟୁତ ସେବାର ଭବିଷ୍ୟତ ବୋଲି ସେ ବୁଝାଇଥିଲେ। ସେ ସ୍ମାର୍ଟ ମନିଟରିଂ କିପରି କ୍ଷୁଦ୍ର ଏବଂ ବୃହତ୍ ବିଦ୍ୟୁତ ବ୍ୟବହାର କ୍ଷେତ୍ରରେ ସୁବିଧାଜନକ ତାହା ଦର୍ଶାଇଥିଲେ। ଏହି ଅବସରରେ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକଚର ଲିଃର ପରିଚାଳନା ନିର୍ଦ୍ଦେଶକ ଏମ୍‌କେ ଗୁପ୍ତା, ପାଟନର ଏବଂ ରାଷ୍ଟ୍ରୀୟ ମୁଖ୍ୟ ଶକ୍ତି ଏବଂ ପ୍ରାକୃତିକ ସମ୍ବଳ ଅନୀଶ ଦେ ଏବଂ ସମ୍ମିଳନୀର ସଂଚାଳକ ଜେବି ପାଣି ପ୍ରମୁଖ କୋଭିଡ୍ ପରବର୍ତ୍ତୀ ସମୟରେ ଶକ୍ତି କ୍ଷେତ୍ରକୁ କିପରି ସୁଧୁରାଯାଇ ସ୍ୱାଭାବିକ ଅବସ୍ଥାକୁ ଅଣାଯାଇ ପାରିବ ସେ ନେଇ କେତେକ ଉପାୟ ଉପରେ ଆଲୋଚନା କରିଥିଲେ।


## ନଭେମ୍ବର ୨୯ ପୂର୍ବରୁ ବାଲେଶ୍ୱର, ତିର୍ତ୍ତୋଲ ଉପନିର୍ବାଚନ




**ଭୁବନେଶ୍ୱର :** ବିହାର ବିଧାନସଭା ନିର୍ବାଚନ ସହ ହେବ ବିଭିନ୍ନ ରାଜ୍ୟର ଉପନିର୍ବାଚନ। ଏକାଠି ନିର୍ବାଚନ କରିବାକୁ ଭାରତୀୟ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ନେଇଛନ୍ତି। ଏଥିନେଇ ବିଭିନ୍ନ ରାଜ୍ୟର ମୁଖ୍ୟ ସଚିବ, ନିର୍ବାଚନ ଅଧିକାରୀଙ୍କ ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ହେବ। ବାଲେଶ୍ୱର ସଦର ଓ ତିର୍ତ୍ତୋଲ ବିଧାନସଭା ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ ଏବଂ ତିର୍ତ୍ତୋଲ ବିଧାୟକ ବିଷ୍ଣୁଚରଣ ଦାସଙ୍କ ପରଲୋକ ଯୋଗୁ ଏହି ଦୁଇଟି ବିଧାନସଭା ମଣ୍ଡଳୀରେ ବିଧାନସଭା ଆସନ ପଦ ଖାଲିପଡିଥିଲା। ନଭେମ୍ବର ୨୯ ପୂର୍ବରୁ ବିହାର ନିର୍ବାଚନ ସହ ଅନ୍ୟ ରାଜ୍ୟର ଉପନିର୍ବାଚନ ଶେଷ କରାଯିବା ଜରୁରୀ ବୋଲି ଭାରତୀୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେବା ସହିତ ଉପଯୁକ୍ତ ସମୟରେ ନିର୍ବାଚନ ତାରିଖ ଜଣାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଭାରତୀୟ ନିର୍ବାଚନ କମିଶନ ଏହି ନିର୍ଦ୍ଦେଶନାମା ଜାରି କରିବା ପରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ମନୋନୟନ ଓ ବିଜୟୀ ପାଇଁ ରଣକୌଶଳ ଉପରେ ଆଲୋଚନା ଆରମ୍ଭ ହୋଇଛି। ବାଲେଶ୍ୱର ସଦର ଓ ତିର୍ତ୍ତୋଲ ବିଧାନସଭା ଆସନ ଉପନିର୍ବାଚନରେ ବିଜୟୀ ହେବେ ବିଜେଡି, ବିଜେପି ଓ କଂଗ୍ରେସ ଦଳ ସ୍ୱତନ୍ତ୍ର ରଣନୀତି ଆପଣେଇବ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଶାରେ ହେବ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଭାରତ ସରକାରଙ୍କ 'ଏକ ଜିଲ୍ଲା ଏକ ଉତ୍ପାଦ' ସ୍କିମ୍ ଅଧୀନରେ ପ୍ରଧାନମନ୍ତ୍ରୀ ଔପଚାରିକ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗକୁ ରାଜ୍ୟ ସରକାର ନୋଡାଲ ବିଭାଗ ଏବଂ ଶିଳ୍ପ ନିର୍ଦ୍ଦେଶକଙ୍କୁ ନୋଡାଲ ଅଧିକାରୀ ଭାବେ ମନୋନୀତ କରିଛନ୍ତି। ଏଥି ସହିତ ଭୁବନେଶ୍ୱର ଆପିକଲକୁ ଏହି ସ୍କିମ୍‌କୁ ରୂପାୟନ କରିବା ପାଇଁ ନୋଡାଲ୍ ସଂସ୍ଥା ଭାବେ ବଛା ଯାଇଛି। ଏହି ସ୍କିମ୍ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣରେ ନିୟୋଜିତ ଥିବା ଅଣସଂଗଠିତ ଉଦ୍ୟୋଗୁଡ଼ିକୁ ତଥା କୃଷକ ଉତ୍ପାଦକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ସମବାୟ ସମୂହଗୁଡ଼ିକୁ ସହାୟତା ପ୍ରଦାନ କରିବା ସହ 'ଏକ ଜିଲ୍ଲା ଏକ ଉତ୍ପାଦ' ଆଧାରରେ ସମଗ୍ର ମୂଲ୍ୟଶୃଙ୍ଖଳ (ଭାଲ୍ୟୁଚେନ୍)କୁ ପ୍ରୋତ୍ସାହିତ କରି ସେମାନଙ୍କ ଆବଶ୍ୟକ ଭିତ୍ତିଭୂମିର ବିକାଶ, ବ୍ରାଣ୍ଡିଂ ଏବଂ ବିପଣନ ସହାୟତା, ଦକ୍ଷତା ବିକାଶ ତାଲିମ ପ୍ରଦାନ ଏବଂ ଏସବୁ ଉପରେ ଅଧିକ ଗବେଷଣା ଆଦି କାର୍ଯ୍ୟରେ ସାହାଯ୍ୟ କରାଯିବ। କେତେକ ଯୋଗ୍ୟ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ଋଣ ଯୋଗାଣର ବ୍ୟବସ୍ଥା କରାଯିବା ସହ ମୂଳଧନ ଉପରେ ୩୫% ହିସାବରେ ସର୍ବାଧିକ ୧୦ ଲକ୍ଷ ଟଙ୍କା ଯାଏ ରିହାତି ଦେବାର ପ୍ରାବଧାନ ରଖାଯାଇଛି। ଏପରିକି ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ/ସଭ୍ୟାମାନଙ୍କ ଜଣକୁ ପ୍ରାରମ୍ଭିକ ପୁଞ୍ଜି ଭାବେ ୪୦ ହଜାର ଟଙ୍କା ଯୋଗାଇଦେବା ସହ ଗୋଟିକିଆ ଉଦ୍ୟୋଗକୁ ସର୍ବାଧିକ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ। ଏଥିପାଇଁ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ପ୍ରଥମ କିସ୍ତିରେ ୨.୩୧ କୋଟି ଟଙ୍କା ପାଇଛି। ଏହି ସ୍କିମ୍‌ର ସୁଫଳ ଉଦ୍ୟୋଗୀଙ୍କ ନିକଟରେ ପହ ।ଇବା ପାଇଁ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି, ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ଶାସନ ସଚିବ, ଶିଳ୍ପ ନିର୍ଦ୍ଦେଶକ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ, କୃଷି ଉଦ୍ୟାନ ବିଭାଗ ନିର୍ଦ୍ଦେଶକ, ପରିଚାଳନା ନିର୍ଦ୍ଦେଶକ, ଆପିକଲ୍, ମିଶନ ଶକ୍ତି, ପ୍ରାଣୀସଂପଦ ବିଭାଗ, ମତ୍ସ୍ୟ ବିଭାଗ, ଓଡ଼ିଶା ଜୀବିକା ମିଶନ, ଓର୍‌ମାସ୍‌ର ଉଚ୍ଚପଦସ୍ଥ ଅଧିକାରୀ, ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି, ଭାରତୀୟ କୃଷି ଗବେଷଣା ପରିଷଦର ବୈଜ୍ଞାନିକଙ୍କୁ ନେଇ କେଉଁ ଜିଲ୍ଲାରେ କେଉଁ ଉଦ୍ୟୋଗ କରାଯିବ ତାହା ଚୂଡ଼ାନ୍ତ କରାଯାଇଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ଆଗୁଆ ପଦକ୍ଷେପ ଭାବେ ପ୍ରତି ଜିଲ୍ଲାକୁ ପ୍ରାରମ୍ଭିକ ରିହାତି ଭାବେ ୩୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଧାର୍ଯ୍ୟ କରିଛନ୍ତି। ଭାରତ ସରକାରଙ୍କଠାରୁ ପ୍ରାପ୍ତ ଏହି ଅନୁଦାନକୁ କିପରି ଭାବେ ସଫଳତାର ସହ ତ୍ୱରିତ ବିନିଯୋଗ କରାଯାଇ ପାରିବ ସେଥିପାଇଁ ସମସ୍ତ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏସବୁ ଉଦ୍ୟୋଗଗୁଡ଼ିକୁ ସଫଳ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ଆବଶ୍ୟକୀୟ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟକୁ ନୋଡାଲ ଏଜେନ୍ସି ଭାବେ ବଛାଯାଇଛି। 'ଏକ ଜିଲ୍ଲା ଏକ ଉତ୍ପାଦ' ସ୍କିମ୍‌ରେ କେଉଁ ଜିଲ୍ଲାରେ କେଉଁ ଉଦ୍ୟୋଗ ପ୍ରକଳ୍ପ ରୂପାୟନ କରାଯିବ ତାହା ନିର୍ଦ୍ଧାରିତ ହୋଇଛି। ସେଥିରେ ଆମ୍ବ ଫଳଭିତ୍ତିକ ଉତ୍ପାଦ ପାଇଁ ଅନୁଗୁଳ, ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ନବରଙ୍ଗପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ମତ୍ସ୍ୟଭିତ୍ତିକ ଉଦ୍ୟୋଗ ପାଇଁ ବାଲେଶ୍ୱର, ଭଦ୍ରକ, ଗଞ୍ଜାମ। ବାଦାମ ତୈଳବୀଜଭିତ୍ତିକ ଉଦ୍ୟୋଗରେ ବରଗଡ଼ ଓ ଯାଜପୁର, କଦଳୀ ପ୍ରକ୍ରିୟାକରଣ ପାଇଁ ବଲାଙ୍ଗୀର ଓ କଳାହାଣ୍ଡି, ଦୁଗ୍ଧଭିତ୍ତିକ ଉଦ୍ୟୋଗରେ କଟକ ଏବଂ ଜଗତସିଂହପୁର, କମଳା ଜାତୀୟ ଫଳ ପାଇଁ ଦେବଗଡ଼, ଲଙ୍କାଗୁଣ୍ଡ ମସଲା ପାଇଁ ଝାରସୁଗୁଡ଼ା ଓ ସମ୍ବଲପୁର, ହଳଦୀଗୁଣ୍ଡ ମସଲା ପାଇଁ କନ୍ଧମାଳ, ନଡ଼ିଆ ଜାତୀୟ ଉଦ୍ୟୋଗ ପାଇଁ କେନ୍ଦ୍ରାପଡ଼ା ଓ ପୁରୀ। ଅଦା ପ୍ରକ୍ରିୟାକରଣ ପାଇଁ କୋରାପୁଟ, ମିଲେଟ୍ ପାଇଁ ନୂଆପଡ଼ା ଓ ମାଲକାନଗିରି, ଛତୁ ପାଇଁ ଖୋର୍ଦ୍ଧା, ଆମ୍ବଭିତ୍ତିକ ମହୁ ପ୍ରକ୍ରିୟାକରଣ ପାଇଁ ମୟୂରଭଞ୍ଜ, ଆଖୁଭିତ୍ତିକ ଉଦ୍ୟୋଗ ପାଇଁ ନୟାଗଡ଼, ତେନ୍ତୁଳି ଉଦ୍ୟୋଗ ପାଇଁ ରାୟଗଡ଼ା ଓ ସପୁରୀ ପ୍ରକ୍ରିୟାକରଣ ନିମନ୍ତେ ଗଜପତି ଜିଲ୍ଲାକୁ ସ୍ଥିର କରାଯାଇଥିବା ଜଣାପଡ଼ିଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୭ - ୧୩ ସେପ୍ଟେମ୍ବର, ୨୦୨୦

# ବିଫଳ ନହେଉ ଆହ୍ୱାନ

**ଦେ**ଶର ଜିଡିପି ନିମ୍ନମୁଖୀ ହେବାକୁ ନେଇ ବହୁ ଅର୍ଥ ବିଶାରଦ ଭିନ୍ନ ଭିନ୍ନ ମତ ପୋଷଣ କରୁଥିବା ବେଳେ ବାସ୍ତବ ସ୍ଥିତି କଣ ତାହା କେନ୍ଦ୍ର ସରକାର ସ୍ପଷ୍ଟ କରିପାରିବେ। ଅଭିବୃଦ୍ଧିହାର ଚିନ୍ତାଜନକ ବୋଲି କୁହାଯାଉଛି, ହେଲେ ଏଥିପାଇଁ ବ୍ୟବସ୍ଥା ଦାୟୀ କି ମହାମାରୀ କରୋନା ଦାୟୀ ସେ ନେଇ ଗଭୀର ଭାବେ ଚିନ୍ତା କରିବାର ସମୟ ବୋଧେ ଆସିଯାଇଛି। କାରଣ ଭୁଲ ଅର୍ଥନୀତି ହୁଏତ ପରିଣାମ ଅତି ଗମ୍ଭୀର କରିପାରେ ବୋଲି ମନେହୁଏ। ଗତ ମାର୍ଚ୍ଚ ମାସରୁ କରୋନା ସଂକ୍ରମଣ ରୋକିବାକୁ ଭାରତରେ ଲକଡାଉନ ପ୍ରକ୍ରିୟା ଆରମ୍ଭ ହୋଇଥିଲଶ। ଏଥିରେ ଶିଳ୍ପ କାରଖାନାଠୁ ଆରମ୍ଭ କରି ଦୋକାନ ବଜାର, ହୋଟେଲ, ମଲ ଏପରିକି ଛୋଟ ଛୋଟ ଦୋକାନ ମଧ୍ୟ ବନ୍ଦ ରହିଲା। ଅତ୍ୟାବଶ୍ୟକୀୟ ସାମଗ୍ରୀ ବ୍ୟତୀତ ଅନ୍ୟ ପରିହବନ ଠପ ହୋଇଗଲା। ରେଳ, ବସ, ମୋଟର ଯାନ ପ୍ରଭୃତି ପରିବହନ ଉପରେ କଟକଣା ଲାଗିଲା। ଏପରିକି ଅଟୋରିକ୍ସାଟିଏ ମଧ୍ୟ ରାସ୍ତାରେ ଗଡିବା ନେଇ ପ୍ରତିବନ୍ଧକ ଲଗାଗଲା। ଫଳସ୍ୱରୂପ ସବୁ ପ୍ରକାର ବ୍ୟବସାୟ ପ୍ରଭାବିତ ହେଲା। ବାଣିଜ୍ୟ ନ ଚାଲିଲେ ବା ଶିଳ୍ପ ଉତ୍ପାଦନ ନହେଲେ ସରକାର ରାଜସ୍ୱ ପାଇବେ କିପରି! ତେଣୁ ପରିସ୍ଥିତି ଅଣାୟତ୍ତ ହୋଇଥିବା ନେଇ ଦେଶ, ରାଜ୍ୟ ସବୁଠି ଚିନ୍ତା ଦେଖାଦେଲା। ଗୋଟିଏପଟେ ଲୋକଙ୍କ ଜୀବନ ଅନ୍ୟପଟେ ଜୀବିକା, ଏ ଦୁଇଟି ବିଷୟକୁ ଚିନ୍ତାକରି କେନ୍ଦ୍ର ସରକାର ଅନଲକ ଘୋଷଣା କରିଥିଲେ ବି ଏଥିରେ ନାନାଦି କଟକଣା ଏପର୍ଯ୍ୟନ୍ତ ରହିଛି। ଦେଶ ସ୍ୱାଭାବିକ ହୋଇନଥିବା ବେଳେ ଜୀବିକାକୁ ନେଇ ସବୁଠି ଚିନ୍ତାପ୍ରକଟ ହୋଇଛି। କାରଣ ସ୍ୱରୂପ ଅନେକ ଘରୋଇ କର୍ମଚାରୀ, ଛୋଟ ବ୍ୟବସାୟ ପରିସ୍ଥିତିକୁ ନେଇ ବେଶ୍ ଚିନ୍ତିତ ରହିଛନ୍ତି। ତେଣୁ ଦେଶରୁ କରୋନା କେବେ ହଟିବ ଓ ଜନଜୀବନ ପୂର୍ବଭଳି ସ୍ୱାଭାବିକ ହେବ ଏହା ଗମ୍ଭୀର ଚିତ୍ର ଦର୍ଶାଉଛି। ବର୍ତ୍ତମାନ ବା ଗତ ଅଗଷ୍ଟ ମାସରେ ଦେଶରେ କରୋନା ସ୍ଥିତି ବେଶ ଗୁରୁତର ରୂପ ନେଇଛି। ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁ ହାର ମଧ୍ୟ ବଢ଼ିଚାଲିଛି। ପୂର୍ବରୁ କୁହାଯାଇଛି ଯେ, ଅଗଷ୍ଟ ମାସ ପରେ କରୋନା ସ୍ଥିତିରେ ପରିବର୍ତ୍ତନ ଆସିବ, ହେଲେ ବର୍ତ୍ତମାନର ଚିତ୍ର ସେଭଳି କିଛି ଆଶାଜନକ ବୋଲି କହିହେବନାହିଁ। ଆଶଙ୍କା ପୂର୍ବାପେକ୍ଷା ବଢ଼ିଚାଲିଛି। ଅଥଚ ଯେଉଁଠୁ, ଅର୍ଥାତ ଚୀନର ଉହାନ ପ୍ରଦେଶରୁ ଜନଜୀବନକୁ ଅନେକ ଦିନୁ ସ୍ୱାଭାବିକ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ତେବେ ଭାରତରେ କରୋନାର ଏଭଳି ବିଭୀଷିକା ପାଇଁ କାହାକୁ ଦାୟୀ କରାଯିବ? ଦେଶ ଠିକ ବାଟରେ ଥିବା କେନ୍ଦ୍ର ସରକାର କହୁଥିବା ବେଳେ ରାଜ୍ୟ ଗୁଡିକ ନିଜ ନିଜ ଢଙ୍ଗରେ ପଦକ୍ଷେପ ନେଇ ସନ୍ତୁଳନ ବଜାୟ ଥିବା କହୁଛନ୍ତି। ହେଲେ ସାଧାରଣ ଲୋକ କରୋନା ଦ୍ୱାରା ବହୁତ ପ୍ରଭାବିତ ହୋଇଛନ୍ତି। ଜୀବିକା ନଥାଇ ଗରିବ, ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଅସହାୟ ଅବସ୍ଥାରେ ଅଛନ୍ତି। ଯଦିଓ କେନ୍ଦ୍ର ଓ ରାଜ୍ୟ ସରକାର ଚିହ୍ନଟ କରିଥିବା ଗରିବ ଲୋକଙ୍କୁ ପିଡିଏସ ସାମଗ୍ରୀ କିଛି ସହାୟତା ଆକାରରେ ଦେଉଛନ୍ତି, ତାହା ପରିବାର ଚଳାଇବା ପାଇଁ ଆଦୌ ପର୍ଯ୍ୟାପ୍ତ ନୁହେଁ। ଏଥିରେ ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଥିବା ବେଳେ ଶିକ୍ଷତ ବେକାରଙ୍କ ପାଇଁ କର୍ମନିଯୁକ୍ତି ନାହିଁ। ଯାହାକୁ ନେଇ ଘରେ ଘରେ ଅଶାନ୍ତି ଓ ମନସ୍ତାପ ବଢ଼ିଚାଲିଛି। ତେବେ ଅର୍ଥନୀତିର ଏ ବିକଳ ରୂପ ପାଇଁ ଏବେ କାହାକୁ ଦାୟୀ କରିବାର ସମୟ ଆଉ ନାହିଁ। ବର୍ତ୍ତମାନ କ୍ଷତି ଓ କ୍ଷତ ଭରଣା ପ୍ରମୁଖ ପ୍ରସଙ୍ଗ। କାରଣ ଅଭିବୃଦ୍ଧି ନ ହେଲେ ହୁଏତ ପ୍ରଭାବ ପଡିବ, ମାତ୍ର ଏତେ ନିମ୍ନକୁ ଯାଇଥିବା ଜିଡିପିର ପୁନଃଉଦ୍ଧାର ସବୁଠୁ ଗୁରୁତ୍ୱପୂର୍ଣ୍ଣ। କରୋନା କାରଣରୁ ଯେ ଏଭଳି କ୍ଷତି ହୋଇଛି ଆକଳନ ମଧ୍ୟ ଠିକ ନୁହେଁ। କାରଣ ଆଉଟିକେ ପଛକୁ ଫେରି ଦେଖିଲେ କିଛି ଅନୁମାନ ଓ ଅନୁଭବ କରିହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ କ୍ଷମତାକୁ ଆସିବାର ପ୍ରଥମ ପାଳିରେ ଯେଉଁ ବିମୁଦ୍ରୀକରଣ ଘୋଷଣା କରି କଳାଧନ ଫେରେଇ ଆଣିବେ କହିଥିଲେ, ସେବେଠାରୁ ଦେଶର ଅର୍ଥନୀତିରେ ଏହାର କୁପ୍ରଭାବ ଆରମ୍ଭ ହୋଇଥିଲା। କଳାଧନ ତ ଫେରିଲା ନାହିଁ ବରଂ ଅର୍ଥନୀତି ବିକଳାଙ୍ଗ ହୋଇଚାଲିଛି। ତାହାର ବଡ ପ୍ରଭାବ ଏବେ ଦେଖିବାକୁ ମିଳୁଛି। ଏତଦ ବ୍ୟତୀତ ୱାନ ନେସନ ୱାନ ଟ୍ୟାକ୍ସ କଥା ମନେପକାନ୍ତୁ। କାରଖାନାରୁ ଉତ୍ପାଦ ବାହାରିବା ପରେ ସାରା ଦେଶରେ ଗୋଟିଏ ଦରରେ ମିଳିବ ବୋଲି କୁହାଗଲା। ସମସ୍ତେ ଭାବିଲେ ଟିକସ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିଲେ ଦେଶ ଚମକିବ। ରାଜସ୍ୱ ପରିମାଣ ବୃଦ୍ଧି ପାଇବ ଓ ଲୋକ ଶସ୍ତାରେ ସାମଗ୍ରୀ ପାଇପାରିବେ। ତେବେ ବ୍ୟବସାୟୀ ମାନଙ୍କୁ ପଚାରିଲେ ସେମାନେ ନିଶ୍ଚୟ କହିପାରିବେ ଦେଶରେ ଟିକସ ବ୍ୟବସ୍ଥା କେତେ ସରଳ!

ସମ୍ପାଦକୀୟ
ତାରକ ମହାନ୍ତି



କାରଣ ଏତେ ଚତୁରତାର ସହ ଏହି ବ୍ୟବସ୍ଥା ହୋଇଛି ଯେ, ବୁଲେଇ ବଙ୍କେଇ କେତେ ପ୍ରକାର ଟିକସ ଦେବାକୁ ପଡୁଛି ତାହା ନକହିବା ଭଲ। କୁଆଡେ ଗଲା ସେ ଘୋଷଣା? ଟିକସ ୨୮% ପର୍ଯ୍ୟନ୍ତ ଓ ସେଥିରେ ସେସ ମଧ୍ୟ ଲାଗୁଛି। ଏଥିରେ କେଉଁ ସାମଗ୍ରୀ ଦର କିଭଳି ଶସ୍ତା ହେବ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ପ୍ରତ୍ୟେକ ଜିନିଷର ଦର ଏବେ ଆକାଶଛୁଆଁ। ଡାଲି, ଚାଉଳ, ତେଲ ଠାରୁ ଆରମ୍ଭ କରି ଔଷଧ ପର୍ଯ୍ୟନ୍ତର ଦର ୨୦୧୪ ପୂର୍ବକୁ ଫେରି ହିସାବ କଲେ ପାର୍ଥକ୍ୟ ବେଶ ଅନୁଭବ କରିହେବ। ଏଥିରେ ଆଚ୍ଛେ ଦିନ କେବଳ ଘୋଷଣା, ଭାଷଣ ନା ବାସ୍ତବ ତାହା ବିଚାର କରିବାର କଥା। ଅବସ୍ଥା ଏଭଳି ହୋଇଛି ଯେ, ସାଧାରଣ ନାଗରିକର ସ୍ୱର ସରକାର ପର୍ଯ୍ୟନ୍ତ ଯିବନି। କାରଣ ଯେଉଁମାନେ ଲୋକଙ୍କ ଦୁର୍ଦ୍ଦଶା ବିଷୟ ସରକାରଙ୍କୁ ଜଣାଇ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା କଥା ସେମାନେ ଆଉ ନିରପେକ୍ଷ ବୋଲି କହିପରିବା କି! ଦେଶରେ ମହାମାରୀ ସଙ୍କଟ ତୀବ୍ର ଥିଲା ବେଳେ ଜାତୀୟ ଗଣମାଧ୍ୟମରେ ଗତ ମାସେ ହେବ ଲୋକଙ୍କ ସମସ୍ୟା, ଜିଡିପି ହ୍ରାସ ଅପେକ୍ଷା ସୁଶାନ୍ତ ସିଂହ ରାଜପତୁ ଓ ରିୟା ଚକ୍ରବର୍ତ୍ତୀଙ୍କ ଆଲୋଚନା ଜାରି ରହିଛି। ମହାମାରୀ କରୋନା ଲୋକଙ୍କ ଜୀବନ ନେଉଥିବା ବେଳେ ପ୍ରଧାନମନ୍ତ୍ରୀ ମୟୂରକୁ ଭଲପାଇବା ଖବର ପ୍ରସାରଣ କରାଯାଉଛି। ତେଣୁ କାହାକୁ କହିବା ଲୋକ କିଭଳି ଦୁର୍ଦ୍ଦିନରେ, ବେକାରୀ ବୃଦ୍ଧି, ବେରୋଜଗାରୀ ସଂଖ୍ୟା ବଢ଼ିଚାଲିଛି ବୋଲି। ମାନୁଛେ, କରୋନା ପ୍ରଭାବ ସାରା ବିଶ୍ୱର ଅର୍ଥନୀତିକୁ ବିଗାଡି ଦେଇଛି। ହେଲେ ଭାରତ ଭଳି ଏତେ ନିମ୍ନଗାମୀ ଅର୍ଥନୀତି କେଉଁଠି? ଆର୍ଥିକ ପରିଚାଳନା ରାଷ୍ଟ୍ରର ମୁଖ୍ୟ ଅଙ୍ଗ ହୋଇଥିଲା ଅତି ଖାମଖିଆଲି ଢଙ୍ଗରେ ଏହାକୁ ପରିଚାଳନା କରାଗଲେ ପରିଣାମ ଏଭଳି ହୋଇଥାଏ ବୋଲି ବିଚାର କରିବାକୁ ହେଉଛି। ଅତୀତରେ ବହୁ ସଙ୍କଟ ସମୟ ଦେଇ ଦେଶ ଗତି କରିଛି। ତଥାପି ବିପତ୍ତିରୁ ଉଦ୍ଧାର ପାଇ ଦେଶ ବିକାଶର ପ୍ରତିଶ୍ରୁତି ପାଳନ ପ୍ରତି ଧ୍ୟାନ ଦେଇ ଆଗକୁ ବଢ଼ିଛି। ତେଣୁ ମହାମାରୀ କରୋନାକୁ ପ୍ରତିହତ କରି ଆଗାମୀ ପିଢ଼ି ପାଇଁ ସମ୍ଭାବନା ସୃଷ୍ଟି କରିବା ସରକାରଙ୍କ ଦାୟିତ୍ୱ। ତେଣୁ ଦାୟିତ୍ୱର ପ୍ରତିବଦ୍ଧତା ପାଳନ କରିବାର ଯେଉଁ ଆହ୍ୱାନ ସୃଷ୍ଟି ହୋଇଛି ତାହା ବିଫଳ ନହେଉ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମଣିଷର ମାଙ୍କଡାମି



ଡ.ମୌସୁମୀ ପରିଡା

ସେଦିନ ପାତ୍ରବାବୁଙ୍କ ଚିନ୍ତା କାହିଁରେ କଣ! ଲଂଚ୍‌ବେଳେ ମନମାରି ବସିଥିଲାବେଳେ ପଚାରିଲି- ସାର୍ କି ଚିନ୍ତାରେ ଫଶିଯାଇଛନ୍ତି? ସେ କହିଲେ ଆମ୍ବଗଛ..। ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି- ଆମ୍ବଗଛ ଆପଣଙ୍କ ଚିନ୍ତାର କାରଣ? ସେ ଅନ୍ୟମନସ୍କ ହେଇ କହିଲେ- ହଁ ଅଯଥାରେ ଗୁଡେ ଫଳୁଛି। ସେଇଟା ହିଁ ଦୁଃଖ! ଗଛ ଫଳନ୍ତି ହେଲେ ଶୁଭ। ଆପଣ ତାକୁ ଦୁଃଖ ବୋଲି କାହିଁ କହୁଚନ୍ତି? ସେ କହିଲେ- କୁହନ୍ତୁନି ଆଜ୍ଞା। ଫଳନ୍ତି ଗଛ କେତେ କଣ ସହେ ଏ ମଣିଷ-ମାଙ୍କଡଙ୍କ ପ୍ରାଦୁର୍ଭାବକୁ। ନା ସେ ପ୍ରତିବାଦ କରିପାରେ ନା ମାଲିକ ବୋଲାଉଥିବା ଆମେସବୁ ବିଚରାମାନେ! ମଣିଷମାନେ କେତେ ସ୍ୱାର୍ଥପର ସତେ! ଯିଏ ପ୍ରତିବାଦ କଲା, ଝଗଡା କଲା ସେ ବଳବାନ୍। ଯେ' ଭଦ୍ରାମୀ ଦେଖେଇ ଚୁପ୍ ରହିଲା ତା' ସହ ସବୁତକ ଅନ୍ୟାୟ। ଏହା ହିଁ ଘଟେ ପ୍ରତିଥର। ସେମାନେ ଅସହିଷ୍ଣୁ କି ସ୍ୱାର୍ଥପରତା ପାଇଁ ଏସବୁ କରନ୍ତି, ଜାଣିନି କିନ୍ତୁ ଯାହା ବି କରନ୍ତି ସେସବୁ ଅଶୋଭନୀୟ। ସବୁବେଳେ ଭାବେ ଗଛଟାକୁ ହାଣିଦେବି। କି ଲାଭ ମିଳୁଚି ସେ ଗଛରେ! ଓଲଟା ତାକୁ ନେଇ ଯାବତୀୟ କଳି ଝଗଡା। ଲୋକମାନଙ୍କ ଦୃଷ୍ଟିରେ ସବୁବେଳେ ସେଇ ଆମ୍ବ ଗଛ, ବଉଳିବା ଦିନଠୁ। ସେମାନଙ୍କୁ ଆମ ବାଡିର ଆମ୍ବଗଛ ଛଡା ଆଉ କିଛି ଦିଶେନା। ଘଟଣା କଣ ବୁଝୁବୁଝୁ ନିଷ୍କର୍ଷ ବାହାରିଲା ଯେ' ଆମ୍ବଗଛଟା ଅନ୍ୟମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ପାତ୍ରବାବୁଙ୍କ ମାନସିକ ଶାନ୍ତି ନଷ୍ଟ କରୁଛି। କଥାଟା ଏମିତି ଥିଲା- ବୈଶାଖର ଉଦୁଉଦିଆ ଖରାବେଳେ ଆମ୍ବଗଛରେ ଆମ୍ବସବୁ ପେନ୍ଥାପେନ୍ଥା ହୋଇ ଲଟକିଥିଲେ ପାତ୍ରବାବୁଙ୍କ ବାରିରେ। ପତ୍ର ଯେତିକି ଫଳ ସେତିକି। କଷି ହେଉହେଉ କିଛି ଅଧା ବୟସର ଲୋକେ ନଗି, ଟେକା ପଥର ବା ଗଛଡାଳ ଭାଂଗି ଆମ୍ବ ପାରିବାକୁ ଗଛମୂଳେ ଜମା ହୁଅନ୍ତି! ପାତ୍ର ବାବୁଙ୍କ ପରିବାରରୁ କେହି ଘରୁ ବାହାରି କହନ୍ତି- ଆମ୍ବ ଟିକେ ବଡ ହଉ। ସେମାନେ ଦାନ୍ତ ନିକୁଟି ହସନ୍ତି ନିର୍ଲ୍ଲଜଙ୍କ ପରି। ନାଇଁ କଷି ଆମ୍ବଚଟଣୀ ଭଲ ଲାଗେ ତ, ସେଇଥିପାଇଁ। ଆଉ କେହି କେହି ଭିନ୍ନ ବାହାନା କରନ୍ତି- ନିମ୍ବରେ ଆମ୍ବ ଟିକେ ଦରକାର ଥିଲା ତ ସେଥିପାଇଁ। ମଜା କଥା ହେଲା ଏମାନଙ୍କ ବାଡିରେ ବି ଆମ୍ବଗଛ ଥାଏ। ଆମ୍ବ ଟିକେ ପାକଳହେବା ପରେ ଏମାନେ ସେସବୁକୁ ବିକ୍ରୀ କରିବାକୁ ହାଟକୁ ପଠାନ୍ତି ନହେଲେ ଘରେ ପଚେଇ ଖାଆନ୍ତି।

ଏତିକିରେ ବି ଏମାନଙ୍କ କଥା ସରେନି। ଏମାନଙ୍କ ବାଡିରେ ବେଲ, ପିଜୁଳି, ପଣସ, କଦଳୀ, ଡାଳିମ୍ବ, ଅଁଳାକୋଳି ଓ ବରକୋଳିଏମିତି କେତେକଣ ଫଳନ୍ତି ଗଛ ଅଛି। କେବେ ବି ଏମାନେ ଶ୍ରଦ୍ଧାରେ ଯାଚିଦେଇନାହାନ୍ତି ନିଜ ବାଡିର ଜିନିଷ। ନିଜ ଗଛ ଛାଡି ଏଇ ଗଛରୁ ସବୁବେଳେ ତୋଳାହୁଏ ଆମ୍ବ। ତା' ବି ବିଭିନ୍ନ ବାହାନାରେ। ପାର୍ଥକ୍ୟ ଏତିକି ପାତ୍ରବାବୁଙ୍କ ପରିବାର ପ୍ରତିବାଦ କରିପାରନ୍ତିନି। ଅନ୍ୟ ପରିସରଭୁକ୍ତ ଅଂଚଳରେ ନିଜ ଜୋର୍ ଦେଖାଇ ଭଦ୍ରତାର ସୀମା ଲଂଘନ କରନ୍ତିନି। ଅନ୍ୟ ସମୟରେ ମାଙ୍କଡମାନେ ଆମ୍ବରୁ ପେଟେ ଖାଇ ଗଛଡାଳରେ ଥକ୍କା ମାରନ୍ତି ଅନ୍ୟଆଡେ ଖରାର ପ୍ରକୋପ ଅଧିକ ଥିବାରୁ। ବାସ୍ ଏଇ ବାହାନା ଦରକାର ଥାଏ ସେମାନଙ୍କର। ମାଙ୍କଡଙ୍କୁ ଘଉଡାଇବା ପାଇଁ ମଣିଷ ମାଙ୍କଡମାନଙ୍କ ଡିଆଁ ଆରଂଭ ହୋଇଯାଏ। ଆମ୍ବ ତୋଳିବାର କୋଣସି ବାହାନା ଛାଡନ୍ତିନି ଏମାନେ। କେତେବେଳେ କାଳବୈଶାଖୀ ବାହାନାରେ ତ କେତେବେଳେ ମାଙ୍କଡ ପଲଙ୍କୁ ହୁରୁଡେଇବା ବାହାନାରେ ଟେକା ପଥର ଡାଳ ପକେଇ ଆମ୍ବ ତୋଳାଯାଏ। ଖରାବେଳେ ଲୋକମାନେ ସେଇଠି ଆଖଡା ଜମାନ୍ତି। ତାସ୍ ଲୁଡୁ ଖେଳିବା ବାହାନାରେ ଆମ୍ବ ତୋଳନ୍ତି। ସବୁଠୁ ବେଶି ଝାମେଲା କରନ୍ତି ଯେତେବେଳେ ମାଙ୍କଡପଲ ଆସନ୍ତି। ପଶୁ ଜାତି ପୁଣି ବଂଚିବେ ତ? ଆମ୍ବରେ ତ କେହି ମଣିଷ ପେଟ ପୂରାଇବନି। କିନ୍ତୁ ଏ ମଣିଷ ମାଙ୍କଡମାନେ ମଣିଷମାନଙ୍କୁ ତ ସହିପାରନ୍ତିନି, ମାଙ୍କଡଙ୍କୁ କୁଆଡୁ ସହିବେ! ପାତ୍ରବାବୁଙ୍କ ମାଆ ଶୋଇନପାରି ଆସି କହନ୍ତି- ବାବୁରେ କଷି ଧରୁଧରୁ ଏଇଠି? କାଇଁ ସବୁବେଳେ ପାଳା ଲଗେଇଚ, ଶୋଇବସି ହଉନି ଶାନ୍ତିରେ ଟିକେ? ଜବାବ୍ ଆସିଲା- ମାଙ୍କଡ ହୁରୁଡଉଚୁ ଆମେ। ଭଲ କଥା ମାଉସୀ, ମଣିଷ ଖାଇଲେ ଦେହ ସହୁନି ହେଲେ ମାଙ୍କଡ ଖାଇଲେ ଅସୁବିଧା ନାଇଁ? ଆମେ କଣଟା ନେଇଯାଉଚୁ କି, ମାଙ୍କଡଖିଆ ଆମ୍ବରୁ କେଇଟା ନଉଚୁ ସାଙ୍ଗରେ। ଅନ୍ୟମାନେ ବି ତ ଗଛରୁ ଆମ୍ବ ଝଡଉଚନ୍ତି। ଦେଖାଯାଉନି ବୋଧେ। ଆମେ ନେଲେ କେତେ ଅଭିଯୋଗ! କହି ମୁହଁଟାକୁ ଆମ୍ବିଳା କରି ଲୋକ ଦୁଇଜଣ ଆଗକୁ ଚାଲିଲେ।

ପାତ୍ର ବାବୁଙ୍କ ମାଆ କହୁଥିଲେ- ସମସ୍ତେ ତ ଗଛରୁ ଆମ୍ବ ନଉଚ। ପୁଣି କାହାପାଖେ ଅଭିଯୋଗ ବାଢୁଚ? ଗଛମୂଳକୁ ଯାଇ ଦେଖିଲେ ମାଙ୍କଡମାନେ ଢୁଳଉଚନ୍ତି ପତ୍ର ଗହଳିରେ। ଏ ମଉକାରେ ବସ୍ତାଏ ନିଖୁଣ ଆମ୍ବ ଧରି ସେ ଦୁଇଜଣ ନିଜ ଘରକୁ ଗଲେଣି ମାଙ୍କଡ ଖିଆ ଆମ୍ବ ନାଁରେ। ଗଛରେ ଅଳ୍ପ କେଇଟା ଆମ୍ବ ଝୁଲୁଚି ମାତ୍ର। ଅଥଚ ସେମାନଙ୍କ ବାଡିର ଗଛମାନେ ବେଶ୍ ସତେଜ ଓ ନିର୍ଭୀକ ହୋଇ ହସୁଛନ୍ତି ଯେଝା ପରିସର ଭିତରେ।

ପାତ୍ର ବାବୁ ବାହାରି ଆସି କହିଲେ- ଥାଉ ବୋଉ ସେମାନଙ୍କୁ କିଛି କହି ଲାଭ ନାହିଁ। ସେମାନେ ପୁଣି ଆଉ କେଇଜଣଙ୍କୁ ପଠେଇ ଟେକା ପଥର ମାଡ କରିବେ ଗଛକୁ। ଜଣକ ପରେ ଜଣେ ଆସି ଗଛମୂଳେ ଆଖଡା କରିବେ। ଏମାନଙ୍କୁ ପାରିହବନି। ଅଭଦ୍ରମାନଙ୍କ ସହ କଳି କଲେ ସମ୍ମାନ ଯିବାର ଭୟ ଥାଏ। କହି ଭିତରକୁ ଆସୁ ଆସୁ ପୁଣି କେହିଜଣେ ନଗିଟାଏ ଧରି ଆମ୍ବ ଟାଣୁଥିଲା ଯାହାର ବାଡିରେ ବାଇଗଣ ପଲେଇ ଆମ୍ବ ଝୁଲୁଥିଲା। ପାତ୍ର ବାବୁ ଭାବୁଥିଲେ- କାଳେ ଆଗରୁ ମଣିଷ ମାଙ୍କଡ ପରି ଥିଲା, ବିବର୍ତ୍ତନ ହୋଇ ମଣିଷ ହୋଇଛି। ଏବେ ବୋଧେ ପୁଣି ମାଙ୍କଡ ହୋଇଗଲାଣି। ନିଜେ ବଂଚିବାକୁ ସବୁ ଜାତୀୟ ଜୀବଙ୍କ ନିଦ ହଜେଇଦେଇଛି। ଏଇ କାଳେ ତା'ର ଚତୁରତା। ମାଙ୍କଡମାନଙ୍କ ଖାତିର୍ ନଥିଲା କାହାକୁ। ବେଶ୍ ଶାନ୍ତିର ସହ ସେମାନେ ବିଶ୍ରାମ ନେଉଥିଲେ। ହେଲେ ତଳେ ଗୁଡେ ମଣିଷ-ମାଙ୍କଡ ଉତ୍ପାତ ଆରଂଭ କରିଦେଇଥିଲେ। ପିଲାମାନେ ହୋଇଥିଲେ କଥାଟା ଚଳିଥା'ନ୍ତା ଅବଶ୍ୟ, ହେଲେ ଏମାନେ ଚାଳିଶ ପାଖାପାଖି, ଯେଉଁମାନଙ୍କ ନିଜ ଜିନିଷ ପ୍ରତି ଭୟଙ୍କର ଲୋଭ। ଅଥଚ ନଜର ଅନ୍ୟମାନଙ୍କ ଚିଜ ଉପରେ, ସେସବୁକୁ ବି କିପରି ହାସଲ କରିହେବ। ମଣିଷ ଭିତରର ଏ ସ୍ୱାର୍ଥପରତାକୁ ରୋକିହୁଏନି ବୋଲି ତ ସବୁତକ ଝାମେଲା ବିଚରା ଭଲଲୋକେ ହିଁ ସହନ୍ତି। ମାଙ୍କଡ ପ୍ରବୃତିର ଲୋକେ ତ କେବଳ ମଜାମାରି ଅନ୍ୟକୁ ଲୁଟନ୍ତି! ପାତ୍ର ବାବୁଙ୍କ ଚିନ୍ତା ଆମ ଭିତରେ ପ୍ରବେଶି ସାରିଥିଲା। ତାଙ୍କ ଚିନ୍ତା କଣ ବୁଝିଲା ପରେ ମୁଁ ଆବିଷ୍କାର କରୁଥିଲି ଏଭଳି ଲୋକେ ଆମ ଆଖପାଖରେ ଭରି ରହିଛନ୍ତି! ଅଥଚ ଆମେ ସେମାନଙ୍କୁ ଅଣଦେଖା କରିବାକୁ ବାଧ୍ୟ ହେଉଚୁ। ପାତ୍ରବାବୁ କହୁଥିଲେ- ଆମମାନଙ୍କ ଜୀବନର ଅନ୍ୟତମ ମନ୍ତ୍ର ହେଉଛି 'ନିଜେ ବଂଚ ଓ ଅନ୍ୟକୁ ବଂଚିବାକୁ ଦିଅ'। ଆମେ କିନ୍ତୁ ଖାଲି 'ନିଜେ ବଂଚ' କଥାଟିକୁ ମନେରଖି ବାକି କଥା ଭୁଲିଯାଉଛେ। ସକାଳ ହେଉହେଉ କାହା ବାଡିରୁ ଫୁଲ ତ କାହା ବାଡିରୁ କଂଚା ଲଙ୍କା, ଡାଳିମ୍ବ ଆଦି ଗାୟବ। ଶ୍ରଦ୍ଧାରେ ଫୁଲକୁଣ୍ଡରେ ଲଗାଇଯାଇଥିବା ଗୋଲାପ ବି ରହୁନି। ପଚାରିଲେ ଓଲଟା ଜବାବ୍ ଶୁଣିବାକୁ ପଡୁଛି। ଆଜିକାଲି ଗଛମାନଙ୍କ ଉପରୁ ଲୋଭ ତୁଟିଗଲାଣି। ଚାରା କିଣି ଲଗେଇବ, ଯତ୍ନ ନେବ ପାଣି ଖତ ଦେଇ। ଅଥଚ ଭୋଗ କରିବନି ଜୀବଦ୍ଦଶାରେ। ଆମେ ତ ମହାପୁରୁଷ ନୋହୁଁ ନା ସାମାନ୍ୟ ମଣିଷ, ତା' ବି ନିଜ ଦଖଲରେ ଥିବା ଖୁସି ଦୁଃଖକୁ ଆବୋରିଥିବା ଅସହାୟମାନେ। ନା ଆମେ ସରକାରଙ୍କ ଯୋଜନା ପରିସରଭୁକ୍ତ ନା ନିଜ କୌଣସି କାର୍ଡଧାରୀ। ମଧ୍ୟବିତଙ୍କ ଉପରେ ସବୁବେଳେ ସବୁ ପ୍ରକାରର ଜୁଲମ୍ ହୁଏ। ଅଥଚ ନିଜ ସ୍ୱାଭିମାନକୁ ଜଗି ଏମାନେ ପେଟେ ଭୋକ ମୁହେଁ ଲାଜ କରି କାନ୍ଦି କୁନ୍ଥେଇ ଚଳିବା ଶିଖିଯାଆନ୍ତି। ଉପାୟହୀନ ଆମେମାନେ। ପାତ୍ର ବାବୁଙ୍କ ସହ ଆମେ ସମସ୍ତେ ତାଳ ମିଳାଇଲୁ- ହଁ ଏପରି ହେଉଛି। ଆମେସବୁ ଭୁକ୍ତଭୋଗୀ। ଲୋକେ ମାଗଣାରେ ଅନେକ ଜିନିଷ ଉପଭୋଗ କରିବାରେ ଆଜିକାଲି ଏତେ ଅଭ୍ୟସ୍ତ ଯେ ଖଟିବାକୁ ଚାହୁଁନାହାନ୍ତି। ଜମିସବୁ ପଡିଆ। କାମକରିବାକୁ ଲୋକ ମିଳୁନାହାନ୍ତି! ଆମ ରାଜ୍ୟରେ ଅଭାବି ଲୋକ କଣ ସତରେ ନାହାନ୍ତି! ଆଉ କିଛି ଲୋକ ମାହାଳିଆରେ କୋଟିପତି ହେବାର ଲାଳସା ନେଇ ବିଭିନ୍ନ ଚିଟ୍‌ଫଣ୍ଡରେ ଟଙ୍କା ଜମା କରନ୍ତି, ପୁଣି ସେ ଟଙ୍କା ଉଭାନ୍ ହେଲେ ଖୁବ୍‌ଗୁଡେ ହଇଚଇ ସୃଷ୍ଟି କରନ୍ତି, କଣ କହିବା ସେମାନଙ୍କୁ! ଏମିତି ଅନେକ କାରଣରୁ ଆମ ନୈତିକ ମୂଲ୍ୟବୋଧ ହଜିଗଲାଣି। ଅଳସୁଆ ଓ ପରଧନରେ ମାଲାମାଲ୍ ହେବାର ଲୋଭ ମଣିଷକୁ ନିୟନ୍ତ୍ରଣହୀନ, ଅବିବେକୀ ଓ ପରଶ୍ରୀକାତର କରିବାରେ ଲାଗିଛି। ମଣିଷକୁ ଉଭୟ ଦାନବତ୍ୱ ଓ ପଶୁତ୍ୱ ଆବୋରିବସିଛନ୍ତି।

*ମାର୍ଫତ/ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ*
*ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସର*
*କ୍ୱା.ନଂ-୩ଆର/୪। ଜଗତସିଂହପୁର*

# କେନ୍ଦୁଝରକୁ ରେଳଯାତ୍ରା



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

କେନ୍ଦୁଝର ରେଳଲାଇନ ଖଣିଜ ସମ୍ପଦ ବହୁଳ କେନ୍ଦୁଝରର ଖଣି ଅଞ୍ଚଳକୁ ପାରାଦ୍ୱୀପ ବନ୍ଦର ସହିତ ନିକଟ ସଂଯୋଗ ସ୍ଥାପନ କରିବା ଉଦ୍ଦେଶ୍ୟରେ ନିର୍ମିତ ହୋଇଥିଲା। ଓଡ଼ିଶାର ବିଶିଷ୍ଟ ଖଣି ଅଞ୍ଚଳ ବାଂଶପାଣି, ବଡ଼ଜାମଦା, ଦୈତାରୀ, ଟମକା ଏବଂ ଗନ୍ଧମାର୍ଦ୍ଦନ ମାଳାଙ୍କଟୋଲିକୁ ପାରାଦ୍ୱୀପ ବନ୍ଦର ସହିତ ଯୋଗାଯୋଗ କରିବା ପାଇଁ ଟ୍ରେନ ଗୁଡ଼ିକୁ ଦୀର୍ଘ ଖରସୁଆଁ ଓ ଖଡ଼ଗପୁର ଦେଇ ବହୁତ ଦୂର ଅତିକ୍ରମ କରିବାକୁ ପଡୁଥିଲା। ଜଖପୁରାଠାରୁ ବାଂଶପାଣି ପର୍ଯ୍ୟନ୍ତ ଏହି ରେଳପଥ ହେବା ଫଳରେ ଉକ୍ତ ଦୂରତା ୩୩୫ କିମି ହ୍ରାସ ପାଇପାରିଛି। ଏହାଛଡ଼ା ଉତ୍ତର ପୂର୍ବାଞ୍ଚଳରୁ ନୂଆଦିଲ୍ଲୀ ଏବଂ ବମ୍ବେକୁ ସିଧାସଳଖ ପରିବହନ ସୁବିଧା ମଧ୍ୟ ଏହାଦ୍ୱାରା ଉପଲବ୍ଧ ହୋଇପାରିଛି। ଉକ୍ତ ରେଳପଥରେ ଲୁହାପଥର ସହ ତାପଜ ବିଦ୍ୟୁତ କେନ୍ଦ୍ର ଗୁଡ଼ିକୁ କୋଇଲା ପରିବହନରେ ସୁବିଧା ମଧ୍ୟ ଉପଲବ୍ଧ ହୋଇପାରିଛି। ଏହି ରେଳପଥର ବିବରଣୀ ଲେଖିବାକୁ ଗଲେ ଦେଖାଯାଏ ଯେ ଏହା ମଧ୍ୟରେ ସତରଟି ରେଳ ଷ୍ଟେସନ ଅବସ୍ଥିତ। ବିଭିନ୍ନ ନଦନଦୀ, ପାହାଡ଼ି ନାଳ ଓ ଝରଣା ଅତିକ୍ରମ ପାଇଁ ୨୮ଟି ବଡ଼ ଓ ୩୫୪ଟି ଛୋଟ ପୋଲ, ୫୮ଟି ଲେବଲ କ୍ରସିଂ ନିର୍ମାଣ କରାଯାଇଛି। ଉକ୍ତ ରେଳଲାଇନ ପଥୁରିଆ ବନ୍ଧୁର ଭୂଭାଗ, ତୀକ୍ଷଣ ଉଠାଣି ଥିବା ଛୋଟ ଛୋଟ ପାହାଡ଼ ଓ ଘଞ୍ଚ ଜଙ୍ଗଲ ଦେଇ ଗତି କରିଥାଏ। ବାଂଶପାଣି ରେଳଷ୍ଟେସନ ସମୁଦ୍ର ପତ୍ତନ ଠାରୁ ୪୮୧ ମିଟର ହେଲାବେଳେ ଟମ୍‌କା ୮୭ ମିଟର ଉଚ୍ଚତାରେ ଅବସ୍ଥିତ। ସମ୍ପୂର୍ଣ୍ଣ ପଥୁରିଆ ଅଞ୍ଚଳ ହୋଇଥିବାରୁ ରେଳ ଲାଇନ ବିଛାଇବାରେ ବିଶେଷ ଅସୁବିଧା ହୋଇ ନାହିଁ। ବର୍ଷଯାକ ବିଭିନ୍ନ ପ୍ରକାର ପାଣିପାଗ ଉକ୍ତ ଅଞ୍ଚଳରେ ଅନୁଭୂତ ହୋଇଥାଏ। ବର୍ଷର ବିଭିନ୍ନ ସମୟରେ ସର୍ବୋଚ୍ଚ ୪୬୦ ଓ ସର୍ବନିମ୍ନ ୩୦ ତାପମାତ୍ରା ହୋଇଥାଏ। ଏହାର ଆର୍ଦ୍ରତା ୩୫%ରୁ ୮୦% ମଧ୍ୟରେ ରହିଥାଏ। ବୈତରଣୀ ନଦୀ ଏହି ଅଞ୍ଚଳର ପ୍ରଧାନ ନଦୀ। ଏହାଛଡ଼ା ଆହୁରି ଅନେକ ପାହାଡ଼ିଆ ନଦୀ ବର୍ଷାଦିନେ ଦେଖିବାକୁ ମିଳେ। ଶାଳ, ତେନ୍ତୁଳି, ବାଉଁଶ ଓ ମହୁଲ ଗଛମାନ ଏଠାରେ ଜଙ୍ଗଲରେ ଦୃଷ୍ଟିଗୋଚର ହୁଏ। ବିଭିନ୍ନ ଜାତିର ହିଂସ୍ରଜନ୍ତୁ, ପକ୍ଷୀ, ଗୋଧୀ, ଓଧ, ସାପ ଆଦି ସରୀସୃପ ପ୍ରାଣୀ ଏଠାକାର ଘଞ୍ଚ ଅରଣ୍ୟ ମଧ୍ୟରେ ବସବାସ କରନ୍ତି। ଏ ଅଞ୍ଚଳରେ ୨୨% ଜଙ୍ଗଲ, ୪% ଜନବସତି, ୫୭% ଚାଷଜମି, ୧୬% ପତିତ ଅଞ୍ଚଳ ଓ ୧% ଜଳଭାଗ ଅବସ୍ଥିତ। ରେଳରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଗୁଡ଼ିଏ ଛୋଟ ବଡ଼ ଗାଁ, ଅସଂଖ୍ୟ ଝାଟିମାଟି କୁଡ଼ିଆ ଘର ଓ କେତେକ ସ୍ଥାନରେ ଝରଣା ଦେଖିବାକୁ ମିଳେ। ଏ ଅଞ୍ଚଳରେ ୬୯% ଜନଜାତି, ୮.୫% ପଛୁଆବର୍ଗ ଓ ୮.୫% ସବର୍ଣ୍ଣ ଜାତିର ଲୋକମାନେ ବସବାସ କରନ୍ତି। ୧୯୯୭ ମସିହାରେ ପ୍ରସ୍ତାବିତ ରେଳରାସ୍ତାରେ ସେତେବେଳେ ୨୪ଟି ଗାଁ ୭୧ଟି ପରିବାର ଏବଂ ସେମାନଙ୍କ ଭୂସମ୍ପତ୍ତି ଚାଲିଯାଇଥିଲା। ଜଖପୁରା ଠାରୁ ଦୈତାରୀ ପର୍ଯ୍ୟନ୍ତ ରେଳରାସ୍ତା ୧୯୭୬-୭୭ରେ ଅନୁମୋଦନ ଲାଭ କରି ୧୯୮୧ରେ ସମ୍ପୂର୍ଣ୍ଣ ହୋଇଥିଲା। ୧୫୨ କିମି ବିଶିଷ୍ଟ ଦୈତାରୀ ଠାରୁ ବାଂଶପାଣି ରେଳରାସ୍ତା ୧୯୯୨-୯୩ ମସିହାରେ ଅନୁମୋଦନ ଲାଭ କରି ୨୦୦୪ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା ପାରାଦ୍ୱୀପ ବନ୍ଦର ଦେଇ ଦେଶ ବିଦେଶକୁ ଲୁହାପଥର ରପ୍ତାନୀ ସହଜସାଧ୍ୟ ହୋଇପାରିଛି। ମାତ୍ର ଜଖପୁରା - କେନ୍ଦୁଝର ଲାଇନରେ ପ୍ରଥମ ପାସେଞ୍ଜର ଟ୍ରେନ (ଟ୍ରେନ ନଂ. ୮୪୧୬) ଦକ୍ଷିଣ-ପୂର୍ବ ରେଳପଥ ଚ୍ୟେୟାରମ୍ୟାନଙ୍କ ଦ୍ୱାରା ୪.୧.୨୦୦୯ରେ ଲୋକାର୍ପଣ ହୋଇଥିଲା।

ଭାରତର ରେଳଯାତ୍ରାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଥିବା ସ୍ଥାନମାନଙ୍କୁ ଯଦି ବିଚାରକୁ ଆଣିବା ତେବେ କାଲ୍‌କା ଠାରୁ ସିମିଳାକୁ ଯାଇଥିବା ମିଟରଗଜ ରାସ୍ତା ପ୍ରଥମରେ ଆସିବ। ଏହାପରେ କେନ୍ଦୁଝରକୁ ରେଳଯାତ୍ରା ଦ୍ୱିତୀୟରେ ଆସିବ। ଆମର ସିମ୍‌ଲା ଗସ୍ତ ସମୟରେ ଏହି ସୌନ୍ଦର୍ଯ୍ୟମୟ ରାସ୍ତାରେ ଯିବା ପାଇଁ ସୁଯୋଗ ମିଳିଥିଲା। ମନ୍ଥରଗତିରେ ଯାତ୍ରା କରୁଥିବାରୁ ଏହି ଟ୍ରେନକୁ ଟୟ- ଟ୍ରେନ ବୋଲି ମଧ୍ୟ କୁହାଯାଏ। ଦୀର୍ଘ ୯୬ କିମି ରାସ୍ତା ଅତିକ୍ରମ କରିବାକୁ ଛଅ ଘଣ୍ଟା ସମୟ ଲାଗିଯାଏ। ଶିବାଲିକ୍ ଡିଲକ୍ସ, କାଲ୍‌କା - ସିମଲା ଏକ୍ସପ୍ରେସ, ରେଲ ମୋଟର ଓ ହିମାଳୟାନ କୁଇନ ନାମକ ଟ୍ରେନ ଗୁଡ଼ିକ ପର୍ଯ୍ୟଟକ ମାନଙ୍କୁ ନେଇ ଅତ୍ୟନ୍ତ ଚିତ୍ତାକର୍ଷକ ପାଇନ, ଦେବଦାରୁର ସବୁଜ ବନାନୀ, ପାହାଡ଼ ପର୍ବତ, ପୋଲ, ସୁଡ଼ଙ୍ଗମାନ ମଧ୍ୟ ଦେଇ ମନ୍ଥର ଗତିରେ ସିମ୍‌ଲା ପର୍ଯ୍ୟନ୍ତ ଯାତ୍ରା କରେ। ସକାଳୁ ସକାଳୁ ଥଣ୍ଡାପାଗ ଓ ଶିତୁଆ ପବନରେ ଏହି ଯାତ୍ରାର ଆନନ୍ଦ ଅବର୍ଣ୍ଣନୀୟ। ସିମ୍‌ଲା ରେଳଯାତ୍ରା ପରେ ଦେଶର ଦ୍ୱିତୀୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଜଖପୁରା ଠାରୁ ବାଂଶପାଣି ରେଳଯାତ୍ରାରେ ଉପଭୋଗ ହୁଏ। ସେଇ ସୌନ୍ଦର୍ଯ୍ୟଭରା ଯାତ୍ରାର ଆନନ୍ଦ ନେବା ପାଇଁ କେନ୍ଦୁଝରକୁ ରେଳଯାତ୍ରା କଲୁ । ସକାଳ ଆଠଟାରେ ପୁରୀ-କେନ୍ଦୁଝର ଏକ୍ସପ୍ରେସ ଟ୍ରେନ କଟକ ଷ୍ଟେସନ ଛାଡ଼ିଲା। ପୂର୍ବରୁ ଦୁଇଗୋଟି ସିଟ ଏହି ଚେୟାର କାର ଟ୍ରେନରେ ଅନ୍‌ଲାଇନରେ ସଂରକ୍ଷିତ ହୋଇ ରହିଥିଲା। ଟ୍ରେନଟି ଜଖପୁରା ଷ୍ଟେସନରୁ ସହରୀ ବାତାବରଣ ଛାଡ଼ି କେନ୍ଦୁଝର ଦିଗରେ ଗତି କଲା। ସୁକିନ୍ଦାରୋଡ଼ ଓ ବାଘୁଆପାଳ ଷ୍ଟେସନ ପରେ ଟମକା ଷ୍ଟେସନ ଭିତରେ ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଗୁଡ଼ିଏ ଛୋଟ ବଡ଼ କ୍ରସର ପଥରରୁ ବିଭିନ୍ନ ସାଇଜର ଗେଟି ପ୍ରସ୍ତୁତ କରିବାର ଦେଖିବାକୁ ମିଳେ। ସେଥିରୁ ଉତ୍ପନ୍ନ ଧୂଳି ଓ ଧୂଆଁ ସବୁଜ ଗଛଲତା, ବିଲବାଡ଼ି, ଘରଦ୍ୱାରକୁ ଧୂଳିଧୂଷର କରି ଜନବସତିକୁ ପ୍ରଦୂଷଣ କରିବା ପରି ବୋଧ ହେଉଥିଲା। ଜନବସତି ଠାରୁ ଏସବୁ ଦୂରକୁ ଉଠିଯିବା ନିହାତି ଆବଶ୍ୟକ। ସୁକିନ୍ଦା ଠାରେ ଟାଟା କମ୍ପାନୀ ଓ ଅନ୍ୟାନ୍ୟ କଳକାରଖାନା ଦୃଷ୍ଟିଗୋଚର ହୋଇ ଓଡ଼ିଶାର ଦ୍ୱିତୀୟ ଇସ୍ପାତ ସିଟି ଦେଖିବାର ସୁଯୋଗ ମିଳେ। ତାପରେ ରେଳଟି ପ୍ରବେଶ କରେ ସୌନ୍ଦର୍ଯ୍ୟମୟୀ ଘନ ଅରଣ୍ୟାନୀ ବାତାବରଣ ମଧ୍ୟକୁ। ସିଟି ମାରି ସର୍ପିଳ ଗତିରେ ଆଗକୁ ଯାତ୍ରା କରିବା ସମୟରେ ମନେପଡୁଥିଲା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରସିଦ୍ଧ 'ଚିଲିକା କବିତା', 'ରହରହ କ୍ଷଣେ ବାଷ୍ପୀୟ ସକଟ, ଦେଖିବି ଚିଲିକା ଚାରୁଚିତ୍ର ପଟ୍ଟ'। ସେମିତି ସବୁଜ ଅରଣ୍ୟାନୀ ମଧ୍ୟ ଦେଇ ଚିଲିକିଧର ଷ୍ଟେସନ ଓ ତାପରେ ପଡ଼େ ହରିଚନ୍ଦନପୁର ଷ୍ଟେସନ। ଏହି ଷ୍ଟେସନରେ ଅନେକଯାତ୍ରୀ ଓହ୍ଲାଇ ମା'ତାରିଣୀଙ୍କୁ ଦର୍ଶନ କରିବା ପାଇଁ ଘଟଗାଁ ଯାତ୍ରା କରନ୍ତି। ଷ୍ଟେସନ ନିକଟରେ ଅଟୋରିକ୍ସା ଓ ଟ୍ରେକରମାନ ଯାତ୍ରୀଙ୍କ ସୁବିଧା ପାଇଁ ଉପଲବ୍ଧ ହୁଏ। ତାପରେ ନୀଳକଣ୍ଠପୁର ଓ ସୀତାବିଞ୍ଜି ଷ୍ଟେସନ ଆସେ। ଏଠାରେ ମଧ୍ୟ ଘଞ୍ଚ ଜଙ୍ଗଲ ସହିତ ବଡ଼ ବଡ଼ ପାହାଡ଼ମାନ ଦୂରରୁ ଦୃଷ୍ଟିଗୋଚର ହୁଏ। ପର ଷ୍ଟେସନ ବସନ୍ତପୁର ଓ ତାପରେ ନରଣପୁର ଷ୍ଟେସନ। ନରଣପୁରରେ ଅନେକଯାତ୍ରୀ ଓହ୍ଲାଇ ପଡ଼ନ୍ତି କେନ୍ଦୁଝର ସହର ମଧ୍ୟକୁ ଯିବାପାଇଁ। ଶେଷରେ କେନ୍ଦୁଝର ଷ୍ଟେସନରେ ଚାରି ଘଣ୍ଟାର ଆନନ୍ଦମୟ ରେଳଯାତ୍ରା ସମାପ୍ତ ହୁଏ। ଇଚ୍ଛା ହେଉଥାଏ ଏ ରେଳଯାତ୍ରା ସମାପ୍ତ ନ ହୋଇ ସେମିତି ଚାଲୁଥାଆନ୍ତା କି! ସୁନ୍ଦର ବନାନୀ, ଝରଣା, ମନ୍ଦିର, ଆକାଶଚୁମ୍ବୀ ଶାଳ, ପିଆଶାଳ, ଅସନ ବୃକ୍ଷ, ଜଙ୍ଗଲରୁ ଗାଁକୁ ଲମ୍ବିଯାଇଥିବା ସର୍ପିଳ ମାଟିରାସ୍ତା, ଜଙ୍ଗଲ ମଝିରେ ଖଣ୍ଡେ ଖଣ୍ଡେ ଧାନ ବିଲର ଦୃଶ୍ୟ ଅତ୍ୟନ୍ତ ମନମୁଗ୍ଧକର। କବିଙ୍କ ଭାଷାରେ 'କି ସୁନ୍ଦର ଆହା କି ଆନନ୍ଦମୟ ଏହି ବିଶାଳ ସଂସାର, ଧନ୍ୟ ମହାପ୍ରଭୁ ମହିମା ତୁମର କୋଟି ଅନନ୍ତ ଅପାର।' ସମୟକ୍ରମେ ରେଭେନ୍ସା ମହାବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇ ନିଜ ଗାଡ଼ିରେ ଆଉଟିକେ ସୁବିଧାରେ ସ୍ୱାଧୀନ ଭାବରେ କେନ୍ଦୁଝର ଯାତ୍ରା କରିଛୁ। ଏବେ ପାଣିକୋଇଲି ଠାରୁ ଚାରି ଲାଇନ ଜାତୀୟ ରାଜପଥ ହେବାପରେ କେନ୍ଦୁଝର ଯାତ୍ରା ଆଉ କଷ୍ଟଦାୟକ ହୋଇ ରହିନାହିଁ। କହିବା ବାହୁଲ୍ୟ ସବୁଠାରୁ ଆନନ୍ଦଦାୟକ, ମନ ମୁଗ୍ଧକର, ଆରାମଦାୟକ ଓ ପ୍ରାକୃତିକ ଶୋଭାର ଆନନ୍ଦ ଉପଭୋଗ କରି ଯାତ୍ରା କରିବାର ଅନୁଭୂତି ରହିଛି କେନ୍ଦୁଝରକୁ ରେଳଯାତ୍ରାରେ। କେନ୍ଦୁଝରବାସୀଙ୍କ ପାଇଁ ଏହି ରେଳରାସ୍ତା ଏକ ବରଦାନ ସଦୃଶ। ବହୁ ଆରାମରେ ଓ ସ୍ୱଳ୍ପଖର୍ଚ୍ଚରେ ସେମାନେ ବ୍ୟବସାୟ ନଗରୀ କଟକ, ଉଚ୍ଚ ନ୍ୟାୟାଳୟ, ରାଜଧାନୀ ଭୁବନେଶ୍ୱର ଏବଂ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଶ୍ରୀକ୍ଷେତ୍ର ଯାତ୍ରାକରି ପାରୁଛନ୍ତି। ଏ ପଟରୁ ମଧ୍ୟ ଲୋକମାନେ ମା'ତାରିଣୀଙ୍କ ଦର୍ଶନ ନିମନ୍ତେ ଘଟଗାଁ ଓ କେନ୍ଦୁଝରର ଦର୍ଶନୀୟ ସ୍ଥାନ ମାନଙ୍କୁ ଆନନ୍ଦରେ ଯାତାୟତ କରିପାରୁଛନ୍ତି। ଏହି ରେଳପଥର ନିର୍ମାଣ ଫଳରେ କେନ୍ଦୁଝରବାସୀଙ୍କର ବହୁଦିନର ସ୍ୱପ୍ନ ସାର୍ଥକ ହୋଇପାରିଛି।

*ପ୍ଲଟ ନଂ - ୧୦୮୨/ଡି, ମର୍କତ ନଗର, ସେକ୍ଟର-୬, ସିଡିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ


**କ୍ଷମା : -**

ତାଙ୍କର ତପସ୍ୟା ଚନ୍ଦ୍ରଙ୍କର ଚନ୍ଦ୍ରିନୀ ପରି ଅଟେ। ବିଶ୍ୱାମିତ୍ର ଯାହାର ହତ୍ୟା କରିବାକୁ ଆସିଥିଲେ ତାଙ୍କ ମୁଖରୁ ନିଜର ପ୍ରଶଂସା ଶୁଣି ଲଜ୍ଜିତ ହୋଇଗଲେ ଓ ବଶିଷ୍ଠଙ୍କ ଗୋଡତଳେ ପଡିଗଲେ। ବଶିଷ୍ଠ ମୁନୀ ତାଙ୍କୁ କୁଣ୍ଢାଇ ପକାଇଲେ ଓ ମହର୍ଷି କହି ସମ୍ବୋଧନ କଲେ। ତେଣୁ କ୍ଷମାର ମହାନ ଚମତ୍କାର ରହିଛି।

ବର୍ତ୍ତମାନ ସମୟରେ ଏକ ସଦ୍‌ବିଚାର ପରିବାର ବୋଲି ଗୋଟିଏ ସଂଗଠନର ଜଣେ ବ୍ୟକ୍ତି ବହୁତ ଅଦ୍‌ଭୁତ କାର୍ଯ୍ୟ କରିଥିଲେ। ଜଣେ ଲୋକକୁ ହତ୍ୟା ଅଭିଯୋଗରେ ଫାଶୀର ଆଦଶ ହୋଇଥିଲା। ଯେଉଁ ବ୍ୟକ୍ତିକୁ ହତ୍ୟା ହୋଇଥିଲା ସେହି ବ୍ୟକ୍ତିଙ୍କର ପତ୍ନୀ ଜେଲକୁ ଯାଇ ହତ୍ୟାରା ହାତରେ ରାକ୍ଷୀ ବାନ୍ଧିଥିଲେ। ହତ୍ୟାରୀକୁ ବୁଝାଇଥିଲେ ମୃତ୍ୟୁ କେବେ ଆସେ କାହାକୁ ଜଣା ନଥାଏ। ତୁ ବହୁତ ଭାଗ୍ୟଶାଳୀ ଅଟୁ କାରଣ ମୃତ୍ୟୁ ଆଗରୁ ତୋତେ ଜଣାଅଛି କେବେ ତୋର ମୃତ୍ୟୁ ହେବ। ତେଣୁ ତୁ ତୋର ସମଗ୍ର ଚେତନାକୁ ପ୍ରଭୁମୟ କରି ରଖ। ପୁରାଣରେ କ୍ଷମା ବିଷୟରେ ଅନେକ କାହାଣୀ ରହିଛି ପରନ୍ତୁ ଏହି ଘୋର କଳିଯୁଗରେ ଏଭଳି ଉଦାର କ୍ଷମା ଅକଳ୍ପନୀୟ ଅଟେ।

ଭଗବାନଙ୍କର ଅନନ୍ୟ ଭକ୍ତ କବି ଜୟଦେବଙ୍କ ଜୀବନର ଏକ ଅଦ୍‌ଭୁତ ଘଟଣା ରହିଛି। ସେ ତୀର୍ଥ ଯାତ୍ରା ପାଇଁ ଗଲେ। ତାଙ୍କ ପାଖରେ ସେମିତି ବିଶେଷ କିଛି ନଥିଲା ମାତ୍ର ଯାହାଥିଲା ଡାକୁମାନେ ଲୁଟି ହାତ, ଗୋଡ କାଟି କୂଅରେ ପକାଇ ଚାଲିଗଲେ। ଭାଗ୍ୟବଶତଃ କୂଅରେ ପାଣି କମ ଥିଲା। ଜୟଦେବ କୂଅ ଭିତରେ ଉଚ୍ଚ ସ୍ୱରରେ ଗାଇବାକୁ ଲାଗିଲେ ସ୍ତୁତି। ସଂଯୋଗବଶତଃ ସେଦିନ ଗୌଡ ପ୍ରଦେଶର ମହାରାଜା ଶ୍ରୀଯୁକ୍ତ ଲକ୍ଷ୍ମଣସେନାଙ୍କର ସବାରୀ ସେହି ବାଟ ଦେଇ ଯାଉଥିଲା। ଦୁଃଖଭରା ହୃଦୟରୁ ବାହାରୁଥିବା ମଧୁର ସ୍ତୁତି ମହାରାଜାଙ୍କୁ ସ୍ପର୍ଶ କରିଥିଲା। ସେ ଜୟଦେବଙ୍କୁ କୂଅରୁ ବାହାର କରି ନିଜ ରାଜ୍ୟକୁ ନେଇ ଧର୍ମାଧିକାରୀ ପଦରେ ନିଯୁକ୍ତ କରିଦେଲେ। ଥରେ ରାଜ୍ୟରେ ଭବ୍ୟ ଧର୍ମୋତ୍ସବର ଆୟୋଜନ ହୋଇଥିଲା। ରାଜା ସମସ୍ତଙ୍କୁ ଭରପୁର ଦାନ ଦେଉଥାନ୍ତି। ଯାଚକ ମାନଙ୍କ ଗୋଷ୍ଠୀରେ ସେହି ଡାକୁ ଠିଆ ହୋଇଥାଏ ଯିଏ ଜୟଦେବଙ୍କ ଗୋଡ ହାତ କାଟି ଥିଲା। ଜୟଦେବଙ୍କୁ ଦେଖି ମୃତ୍ୟୁଦଣ୍ଡ ଭୟରେ ସେ ସେଠାରୁ ପଳାଇ ଯିବାକୁ ଉଦ୍ୟମ କରୁଥିଲା ଜୟଦେବ ତାକୁ ଚିହ୍ନି ରାଜାଙ୍କୁ କହିଲେ ଏଇ ଲୋକ ଜଣଙ୍କ ମୋର ପୁରୁଣା ମିତ୍ର, ଏହାକୁ ବିଶେଷ ସମ୍ମାନ ଓ ଦାନ ଦିଆଯାଉ। ରାଜା ମଧ୍ୟ ଖୁବ୍ ମାନ, ସମ୍ମାନ, ଧନ, ଦୌଲତ ପ୍ରଦାନ କଲେ। ଦେଇଥିବା ଜିନିଷକୁ ନେଇଯିବା ପାଇଁ ସାଥିରେ ସେବକ ମଧ୍ୟ ଦେଲେ।

(କ୍ରମଶଃ)



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

କ୍ଷୀରୋଦ ଦାସ

ଭାଗ-୨୪

# ସମ୍ପର୍କର ସୂତା ଖିଅ

ସବୁ କିଛି ଲାଗୁଥିଲା ଫାଙ୍କା ଫାଙ୍କା ତା ଲଣ୍ଡା ମୁଣ୍ଡ ଭଳି। ସବୁ ଲାଗୁଥିଲା ଶୂନ୍ୟଶୂନ୍ୟ, ବୋଉର ଲଙ୍ଗଳା ହାତ ଓ ମଥାପରି। ସବୁ ଲାଗୁଥିଲା, ଗୁମ୍‌ସୁମ୍, ମାମିନା ଅପାର ଥମ୍ ଥମ୍ କାନ୍ଦୁରା ମୁହଁ ଭଳି।

ଭଲରେ ମନ୍ଦରେ ସରିଯାଇଥିଲା ବାପାଙ୍କ ଶୁଦ୍ଧିକ୍ରିୟା। ବାରପତ୍ର ଦିନ ଘରୁ କୁଆଡ଼େ ବାହାରିବା ମନା। ତେର ଦିନ ଜରଜର ଲାଗିଲା ସୁରେନ୍ଦ୍ରକୁ। ସେ ପ୍ୟାଣ୍ଟସାର୍ଟ ପିନ୍ଧୁଥିବା ବେଳେ ବୋଉ କହିଲା - ତୋ ଦେହଟା ଭଲ ନାହିଁ। ଆଖିଗୁଡା ଲାଲ୍ ଲାଲ୍ ଦେଖାଯାଉଛି। ମୁହଁଟା ଫଣଫଣିଆ ଦେଖାଯାଉଛି। ରହିଯା' ଆଉ ଦି' ଚାରିଦିନ...।"

ନିରବ ଦୃଷ୍ଟିରେ ବୋଉକୁ ଚାହିଁ ଆଟାଚ୍ ସଜାଡ଼ି ଜୋତା ପିନ୍ଧିଲା ସୁରେନ୍ଦ୍ର ଓ ବସିଲା ଖଟ ଉପରେ। ଦେହରେ ଆଦୌ ରକ୍ତ ନଥିବା ଯୋଡ଼େ ନୀର୍ଜିବ ମୁହଁପରି ଦେଖାଯାଉଥିଲା ବୋଉ ଓ ଅପାର ମୁହଁ। ଦୋହଲିଗଲା ସୁରେନ୍ଦ୍ର। କରୁଣ ମୁର୍ଚ୍ଛନାଟେ ସୃଷ୍ଟି ହୋଇଯାଉଥିଲା ତା' ଚେତନାରେ। ଭାବିଲା ବୋଉକୁ ଧରି ଘଡିଏ ସେ କାନ୍ଦି ପକାଇବ। କାନ୍ଦି ପକାଇଲେ ଉଶ୍ୱାସ ଲାଗିବ ଛାତି। ବରଫ ପାଲଟି ଯାଇଥିବା... କୋହ ଓ ଲୁହ ନଦୀ ହୋଇ ତରଳିଯିବ। ଏତେ ଆଉ ଭାରକ୍ରାନ୍ତ ଲାଗିବ ନାଇଁ ଜୀବନ।

ବୋଉର କଣ୍ଠସ୍ୱର ଅପରିସୀମ କୋହ ଓ ଦୀର୍ଘଶ୍ୱାସରେ ରୁନ୍ଧି ହୋଇଗଲା। ସମସ୍ତ ଦୁଃଖ ଓ ରିକ୍ତତା ଚାହୁଁ ଚାହୁଁ ଲୁହରେ ପରିଣତ ହୋଇଯିବା ପୂର୍ବରୁ ତା' ମଇଳା ପଣତ ଉଠି ଆସୁଥିଲା ଆଖିପାଖକୁ।

ବୋଉ ମୁହଁକୁ ଚାହିଁବା ପାଇଁ ସାହସ ନଥିଲା ସୁରେନ୍ଦ୍ର ପାଖରେ। ଚାହିଁଦେଲେ ସତେ କି ଛିନ୍‌ଛତ୍ର ହୋଇଯିବ ବୋଉର କୋହ ଜୁବୁବୁଡୁ ଛୋଟିଆ ମୁହଁ। ଆଟାଚ୍‌କୁ ଧରି ସେ ଠିଆହେଲା ବୋଉ ପାଖରେ। ସ୍ୱଗତୋକ୍ତି କଲା- 'ଥା'। ଜମା ବ୍ୟସ୍ତ ହେବୁ ନାଇଁ। ବାପା ଚାଲିଗଲେ ବୋଲି ଏତେ ବଡ ପୃଥିବୀରେ ନିଜକୁ ଜମା ଏକୁଟିଆ ଭାବିବୁ ନାଇଁ। ମୁଁ ଅଛି ପରା! ତୋ ତିରିଶ ବର୍ଷର ଭେଣ୍ଡା ପୁଅ। ଏଇ ଦୁଇ ବାହୁରେ ଅଛି ଅନେକ ବଳ ସାରା ଜୀବନ ତୋ ଓଜନ ବୋହିବାକୁ। ତୋ ଆଖିର ଲୁହକୁ ସାଇତିବା ପାଇଁ ଏ ହୃଦୟ ଭିତରେ ଅଛି ପ୍ରଶସ୍ତ ଜାଗା। ଯାଉଛି... ଯେ ପର୍ଯ୍ୟନ୍ତ ଏ ଘରଡିହ, ଜମିଜମା ନଟଦାସଠାରୁ ନ ମୁକାଳିଛି, ଯେ ପର୍ଯ୍ୟନ୍ତ ଭଉଣୀର ବାହାଘର ପାଇଁ ସବୁ ବନ୍ଦୋବସ୍ତ ନ କରିଛି, ଏ ମୁହଁ ତତେ ଦେଖାଇବିନି। ମନେରଖ ଯେତେଦୂରରେ ଥିଲେ ବି ତୋ ପାଖେପାଖେ ମୁଁ ଅଛି ସବୁବେଳେ...।"

ଘଣ୍ଟାଏ ପରେ ନନ୍‌ଷ୍ଟପ୍ ବସ୍। ଦୁଇଘଣ୍ଟା ପରେ ପରିଚିତ ସହର।

ସହରକୁ ଫେରି ଆସିଲା ସିନା, ହେଲେ ତା' ମନ ଭିତରେ ମମତା ପ୍ରତି ଥିବା ଅବଶିଷ୍ଟ ଶ୍ରଦ୍ଧାଭାବଟି କେଉଁଠି ହଜିଗଲା। ସେଦିନ ସଂଧ୍ୟାବେଳେ ବସା ଘରେ ପହଞ୍ଚି ସୁରେନ୍ଦ୍ର ଦେଖିଲା ଖଟ ଉପରେ ଶୋଇ ମମତା ପଢୁଛି ସେଦିନର ଖବର କାଗଜ। ମମତା ଟିକେ ମୁହଁ ବୁଲାଇ ଚାହିଁଲା ଏବଂ ସଙ୍ଗେ ସଙ୍ଗେ ମୁହଁ ଫେରାଇନେଲା, ସତେ ଯେପରି ସୁରେନ୍ଦ୍ର ଏଇ ଘଣ୍ଟାକ ତଳେ ବଜାରକୁ ଯାଇ ଫେରିଚି। ତା' ଲଣ୍ଡିତ ମସ୍ତକ ଆଉ ଉଦାସ ମୁହଁ ଟିକେ ବି ପ୍ରଭାବିତ କଲା ନାଇଁ ତାକୁ। ମମତା ଏ ବିଷୟରେ ତାକୁ କିଛି ପଚାରି ନଥିଲା। ସୁରେନ୍ଦ୍ର ମଧ୍ୟ ତା'ଠାରୁ ଏ କଥା ଆଶ କରୁ ନଥିଲା।

ଯେଉଁ ସ୍ତ୍ରୀ ମୃତ ଶ୍ୱଶୁର ପାଇଁ ଶୁଦ୍ଧି ହେବାକୁ ଗାଁ'କୁ ଯାଏନା, ସେ କି ସ୍ତ୍ରୀ। ତା' ସହିତ କ'ଣ ସମ୍ପର୍କ ତା'ର?

ଆପାତତଃ ସୁରେନ୍ଦ୍ର ଜାଣିସାରିଥିଲା ଯେ ମମତା ସହିତ ଏକାଠି ସଂସାର କରିବା ଆଉ ବେଶୀ ଦିନ ନୁହେଁ। ବେଶୀ ଦିନ ନୁହେଁ ଗୋଟିଏ ଛାତ ତଳେ ଏକତ୍ର ବାସ କରିବା।

ପୁଣି ସେଇ ଚିରାଚରିତ ଜୀବନ। ସକାଳ ଆଠରୁ ରାତି ଏଗାର। ମା' ଦୁର୍ଗା ମେଡିସିନ୍ ଷ୍ଟୋର। ଦିନେ ଦୋକାନ ମାଲିକ ତାକୁ ଡାକି କହିଲେ - " ଦୋକାନ ପ୍ରତି ତୁମର ଆନ୍ତରିକ ମନୋଭାବ ଦେଖି ମୁଁ ଖୁସି। ମହାନଦୀ ବିହାରରେ ମୋର ଆଉ ଗୋଟେ ଦୋକାନ ଖୋଲିଛି ଏଇ ପନ୍ଦର ଦିନ ତଳେ। ସେଠି ପ୍ରଚୁର ଭିଡ଼। ତମେ ଏ ଦୋକାନ ସମ୍ଭାଳ। ମୁଁ ସେ ଦୋକାନ ବୁଝୁଛି। ଏଇ ମାସଠାରୁ ତୁମ ଦରମା ଆଉ ପାଞ୍ଚଶହ ବଢ଼ିଲା।

ଏପରି ଆନ୍ତରିକତା ମିଳେନାଇଁ ସହଜରେ। ମାଲିକ ପ୍ରତି କୃତଜ୍ଞତାରେ ବିଗଳିତ ହୋଇପଡିଥିଲା ସୁରେନ୍ଦ୍ର।

ତା' ଚରିତ୍ରର ବିଶେଷତ୍ୱ, ଯେ କୌଣସି କାମକୁ ସେ କରେ ଶ୍ରଦ୍ଧା ଓ ନିଷ୍ଠାର ସହିତ। କୌଣସି କାମକୁ ଅଧାପନ୍ତରିଆ କରି ଛାଡ଼େନା, ଯେତେ କଷ୍ଟ କରିବାକୁ ପଡୁ, ଯେତେ ସମୟ ଲାଗୁ। ବଗିଚାର ଫୁଲ ଗଛରେ ପାଣି ଦେବାଠାରୁ ଆରମ୍ଭ କରି ମେଡିସିନ୍ ଷ୍ଟୋରର ପ୍ରେସ୍‌କ୍ରିପ୍‌ସନ ଦେଖି ରୋଗୀମାନଙ୍କ ହାତକୁ ଔଷଧ ବଢ଼ାଇଦେବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ସେ ଛାଡିଯାଇଥିଲା ନିଜ ନିଖୁଣ ହାତର ଛାପ।

କହିବା ବାହୁଲ୍ୟ 'ମା ମେଡିସିନ୍ ଷ୍ଟୋର' ମାଲିକ ଦିନକୁ ଦିନ ଅଧିକରୁ ଅଧିକ ଅଗ୍ରଗତି କରି ଚାଲିଲେ। ତାଙ୍କ ଅଗ୍ରଗତିର ମୂଳରେ ଥିଲା ସୁରେନ୍ଦ୍ର।

ଅଥଚ ଘରକୁ ଫେରିବା ପରେ ଏ ମଣିଷଟିର ପ୍ରାଣ ପ୍ରାଚୁର୍ଯ୍ୟ ପୋତି ହୋଇପଡେ ନାହିଁନଥିବା ପଙ୍ଗୁତ୍ୱ ଭିତରେ। ମମତାର ଫଣଫଣ ମୁହଁକୁ ଚାହିଁଦେବାମାତ୍ରେ ଝାଉଁଳି ପଡେ ସେ। ଘର ଭିତରଟା ଭାରି ମାଡିମାହି ପଡେ ତାକୁ। ଯେତେ କ୍ଳାନ୍ତ ଥିଲେ ମଧ୍ୟ ପୁଣି କୁଆଡ଼େ ପଳାଇବାକୁ ଇଚ୍ଛା ହୁଏ। ଏ ଘରଠାରୁ ବରଂ ଭଲ ଘୋ ଘୋ ବଜାର କିମ୍ବା ନିଛାଟିଆ ଗଛ ମୂଳ।

ସେ'ଦିନ ରବିବାର। ଖାଇପିଇ ଖଟ ଉପରେ ଗଡ଼ ପଡ଼ ହେଉଥିଲା ସୁରେନ୍ଦ୍ର। ଅନେକ ଦିନ ଧରି ଏକରକମ୍ ଚୁପ୍ ଚାପ୍ ରହିଥିବା ମମତା ଆସି ଠିଆହେଲା ପାଖରେ।

ତା ଆଡ଼କୁ ଟିକେ ଚାହିଁଦେଇ ମୁହଁ ଫେରଇଲା ସୁରେନ୍ଦ୍ର ଅନ୍ୟଆଡ଼େ।

'ମୋର କିଛି ଟଙ୍କା ଦରକାର।' -ବିନା ଉପକ୍ରମଣିକାରେ କହିଲା ମମତା ଏବଂ ଯୋଗକଲା- 'ଦଶ ହଜାର ଟଙ୍କା।'

ପେପର୍ ଖଣ୍ଡେ ଉଠାଇ ପଢ଼ିବାରେ ମନଦେଲା ସୁରେନ୍ଦ୍ର।

'ଶୁଭୁଚି ନା ନାଇଁ ତୁମକୁ? ମୁଁ କ'ଣ କହୁଚି ପରା!' - ମମତାର କଣ୍ଠରେ ଥିଲା ଅସମ୍ଭବ ଦୃଢ଼ତା।

କ'ଣ କହୁଛ? - ମୁହଁ ନ ବୁଲାଇ କହିଲା ସୁରେନ୍ଦ୍ର।

-ମୋର ଟଙ୍କା ଦଶହଜାର ଦରକାର, ନିହାତି।

-ମତେ ଲଙ୍ଗଳା କରି ବାଡ଼େଇ ବାଡ଼େଇ ଏଠୁ ସେ ଛକଯାଏ ନେଲେ ମଧ୍ୟ ଦଶହଜାର ତ ଦୂରର କଥା, ଟଙ୍କା ଶହେଟା ବି ବାହାରିବ ନାଇଁ ବର୍ତ୍ତମାନ ମୋ ପାଖରୁ। ତେବେ ଟଙ୍କା ଦଶହଜାର ହଠାତ୍ ମ୍ୟାଡମ୍‌ଙ୍କର କ'ଣ ଦରକାର ପଡିଲା, ଜାଣିପାରେ କି?

(କ୍ରମଶଃ)

# ଆଶ୍ରା ଓ ଆଶ୍ରିତ

ରାଜେଶ ପୂଜାରୀ





୧. ଆଶ୍ରା
ଆଶ୍ରାରେ ବନ୍ଧା ଦେହ ଜୀବନ
ଆଖି ଦର୍ପଣ
ସମୟ ପବନ...
ଆସୁ ଯେତେ ବାଧା ବିଘ୍ନ
ସେ ଅଦୃଶ୍ୟ ଦେଉଳର ଛାଇ ଯାଏ ବି
ପହଞ୍ଚି ପରେ ନାହିଁ
ତେଜିୟାନ୍ ଅଖଣ୍ଡ ଦୀପ
ଲିଭେ଼ଇ ପାରେ ନାହିଁ କେହି,
ପୂଜା ପାଆନ୍ତି ସେଠାରେ
ଭରଷାର ଈଶ୍ୱର
ଝାଳ ପୋଛନ୍ତି ଅନ୍ତର୍ବେଦନା ମାନଙ୍କର
ମିଠା ପଣତରେ
ଅକର୍ମଶୀଳାରେ ଫୁଟାନ୍ତି ଶତଦଳ।
ମତେ ଲାଗେ ଆଶ୍ରା,
ଆତ୍ମ ବିସ୍ମୃତ ପ୍ରାୟ ଅନୁଭବ ଟିଏ
ଯାହାକୁ ଖାଲି ଅନୁଭବି ହୁଏ!



୨. ଆଶ୍ରିତ
କହିଲେ କହୁଥାଅ
'ମୁଁ' ଆଶ୍ରିତ ଆଶ୍ରିତ ବୋଲି
ମୋର ଜମାରୁ ଆପତ୍ତି ନାହିଁ
ବିଦାୟ ଦେଇ ହେଉଛି ଯେବେ
ପାଛୋଟି ଆଣିବାରେ କ୍ଷତି ଅବା କାହିଁ,
ସୂର୍ଯ୍ୟ ବିନା କେହି କ'ଣ
ସଞ୍ଚିପାରେ ନିଆଁ
ପତଙ୍ଗ ନ ଉଡିଲେ ଆକାଶେ
କିଏ ଗାଇପାରେ ମାଟି ଗୀତ
ପକ୍ଷୀ ନବାହୁଡିଲେ ନୀଡକୁ
ଝାଉଁଳା ସ୍ୱପ୍ନ ସବୁ
ଚେତନ୍ତି କେମିତି ନିଦରୁ?
ଆସ କାଲିର ଆଜିର ଘା' ମାନଙ୍କୁ
ଚିକ୍କଣ କରିବାର ଆଶ୍ରାର ପଥି ଔଷଧୀରେ
ଫୁଲହାର ହୋଇ ଟାଙ୍ଗି ହେବା
ଅନାବିଳ ଭାବର ଚଉଡା କାନ୍ଥରେ
ବିନା ଆଶ୍ରାରେ କୋଉ
ନଈ ପାରି କରି ହୁଏ ଯେ'
ସେଇଥି ପାଇଁ ବି
ଲୋଡା ଡଙ୍ଗାଟେ, ନାବିକ ଜଣେ।

କୁଶମେଲ, ଝାରସୁଗୁଡା
ଦୂରଭାଷ : ୮୧୪୪୭୭୯୦୬୧

# ପିଲା ଦିନ

ସଂଶୟ କୁମାର ସାହାଣୀ






ଯାହା ମୁଁ ଚାହୁଁଚି ତାହା ମୁଁ ପାଉଛି
ପାଉନି ମୁଁ ପିଲାଦିନ
ଖାଲି ହଜେଇଛି କିଛି ମୁଁ ପାଇନି
ଝୁରୁଛି ମୁଁ ରାତିଦିନ।
ରାତି ବଢ଼ି ଚାଲେ ସପନ ହଜିଛି
ନିଦ ସାଉଁଟୁଛି ତାକୁ
ଖୋଜି ଖୋଜି ତାକୁ ଅବଶ ହେଲାଣି
ଧିକ୍କାରେ ଏ ଜୀବନକୁ।
ସ୍କୁଲ ଦାଣ୍ଡ ଠାରୁ ନାଳବନ୍ଧ ଯାଏ
ପ୍ରତୀକ୍ଷ୍ୟଣେ ମୁହିଁ ଖୋଜେ
ସପନ ସ୍ୱରୂପ ଆସି ଫେରି ଯାଏ
ନ ପାଏ ତାହାକୁ ଦଣ୍ଡେ।
ଝୁରୁଛି ଅତୀତ ଝୁରେ ପିଲାଦିନ
ଝୁରେ ସେ ପୁରୁଣା ସାଥୀ
ପାଇ ହଜାଇଛି ଖୋଜି ମୁଁ ପାଉନି
ଖୋଜେ ମୁହିଁ ଦିନରାତି।
ବୟଷ ବଢ଼ିଲା ଦିନ ସରିଗଲା
ତଥାପି ମୁଁ ଖୋଜେ ତାକୁ
ଭଲକି ଜାଣିଛି ପାଇବିନି ତାକୁ
ଝୁରିମରେ ଅତୀତକୁ।
ଫେରିବନି ଆଉ କେବେ ପିଲାଦିନ
ଫେରିବନି ବାଲି ଖେଳ
ସ୍ମୃତି ଫେରିଯାଏ ଦୂର ଅତୀତକୁ
ସରିଗଲା ସବୁ ବେଳ।
ପିଲାଦିନ ଗଲା ଯୌବନ ସରିଲା
ବାର୍ଦ୍ଧକ୍ୟ ବାଡାଏ ଦ୍ୱାର
ତଥାପି ସେଦିନ ଉଜ୍ଜୀବିତ ଅଛି
ପାଇନାହିଁ ଥଳକୁଳ।
ଏବେ ମୁଁ ଖୋଜଇ ମୋ ପିଲାଦିନକୁ
ପ୍ରତି ନିସଙ୍ଗ ମୁହୂର୍ତ୍ତେ
ଫେରି ଆସନ୍ତାକି ଆଜି ମୋ ପାଖକୁ
କରନ୍ତି ମୁଁ କୋଳାଗ୍ରତେ।
ଭୁଲିଯାନ୍ତି ସବୁ ବର୍ତ୍ତମାନ କଥା
ହଜନ୍ତି ମୁଁ ଅତୀତରେ
ଭିଡି ଧରନ୍ତି ମୋ ପିଲାଦିନ ଗାଥା
ମନ ନେଇ ବାଲୁତରେ।
କି ଦୁଃଖ କି ସୁଖ ସବୁ ପାଶୋରନ୍ତି
ପିଲାଦିନ ଭିଡି ଧରି
ହସି ହସାନ୍ତି ମୋ ପିଲାଦିନ ସାଥି
ତାକୁ କୋଳାଗ୍ରତ କରି।
ସୁଯୋଗ ପାଆନ୍ତି ଫେରି ମୁଁ ଯାଆନ୍ତି
ପିଲାଦିନ ସମୟକୁ
ସଂସାର ତ୍ୟାଗୀ ମୁଁ ବାହୁଡି ଯାନ୍ତି
ଆପଣାନ୍ତି ଅତୀତକୁ।

ଏଚ୍‌ଏସ୍‌ଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ, କଟକ
ଦୂରଭାଷ : ୭୯୭୮୧୫୬୩୩୮

# ସ୍ୱର୍ଗଦ୍ୱାରର ଶାଗୁଣା

ଜ୍ଞାନ ରଞ୍ଜନ କର





ସ୍ୱର୍ଗଦ୍ୱାରର ଶାଗୁଣା ମୁଁ,
ମୋତେ ପଚାର ମଢ଼ର ସୌନ୍ଦର୍ଯ୍ୟ!
କେତେ ଶାନ୍ତ କାନ୍ତ ତାର ଚେହେରା
ରଙ୍ଗମଞ୍ଚର ଶେଷ ନୃତ୍ୟ ପରେ,
ସ୍ୱେଦରରେ ବିଦଗ୍ଧ କେତେ କ୍ଳାନ୍ତ
ତାର ପାପ ପୁଣ୍ୟ ଗରା।
ସ୍ୱର୍ଗଦ୍ୱାରର ଶାଗୁଣା ମୁଁ,
ମୋତେ ପଚାର ମଢ଼ର ସୌନ୍ଦର୍ଯ୍ୟ!
ସତେକି ମୋ ଭୋଜନ ପାଇଁ
ସାଇତିଛି ସେ ଦେହଟାକୁ ତାର,
ହେଲେ ଅଗ୍ନିର ଉଦ୍ଧତାମୀ ଦେଖ,
ଜଳିଦେବ ତାର ସୌର୍ଯ୍ୟ-ସୌନ୍ଦର୍ଯ୍ୟ,
ମୃତ୍ୟୁ ଖୋଦିତ କପାଳର ଭାର।
ସ୍ୱର୍ଗଦ୍ୱାରର ଶାଗୁଣା ମୁଁ,
ମୋତେ ପଚାର ମଢ଼ର ସୌନ୍ଦର୍ଯ୍ୟ!
ଆଙ୍ଗୁଠିରେ ତାର ସ୍ୱର୍ଣ୍ଣମୁଦି ଚିହ୍ନ,
ଘୃତ ତା ବକ୍ଷରେ, ଆଭୂଷଣ ସେ ବିହୀନ,
ନିସ୍ତବ୍ଧ-ନିସ୍ତେଜ, ତଥାପି ତା ଓଠେ,
ଯୁଗାନ୍ତ ଜନ୍ମିତ ଶେଷ-ତୃପ୍ତି-ସ୍ୱନ।
ସ୍ୱର୍ଗଦ୍ୱାରର ଶାଗୁଣା ମୁଁ,
ମୋତେ ପଚାର ମଢ଼ର ସୌନ୍ଦର୍ଯ୍ୟ!
ତା ହୃଦୟରେ ଏବେ ବାୟୁ ଭିକ୍ଷା ନାହିଁ,
ଆଖି ବନ୍ଦ କରି ସେ ମୋତେ ରହିଛି ଅନାଇ,
ତା ହୃଦ ନିସୃତ ବାଣୀ "ଆ" ଖାଇଯା',
ଜୀବନ ଯାକ ଜଳିଲି ପୁଣି
ଏ ଅଗ୍ନି କାହା ପାଇଁ।
ସ୍ୱର୍ଗଦ୍ୱାରର ଶାଗୁଣା ମୁଁ,
ମୋତେ ପଚାର ମଢ଼ର ସୌନ୍ଦର୍ଯ୍ୟ!
କି ଉତ୍ତର ଦେବି ମୁଁ ତାକୁ,
ମୋ କ୍ଷୁଧା ମୋ ପାଇଁ ପ୍ରଶ୍ନ ନୁହେଁ
ତା ପାଇଁ ଉତ୍ତର,
ଶେଷାଗ୍ନି ନିଆଁରେ ଝାସ ଦେଇ
ସେ ପୁଣି କା' ହାତ ସେକିବାକୁ ଚାହେଁନାହିଁ,
ହେଲେ ଏ ସମାଜ ତାକୁ ଛାଡିବ ନାହିଁ,
ମୋ କ୍ଷୁଧାକୁ ବୁଝିବ ନାହିଁ,
ତା ଆତ୍ମାକୁ ବୁଝିବ ନାହିଁ।
ମୋ କ୍ଷୁଧାକୁ ବୁଝିବ ନାହିଁ,
ତା ଆତ୍ମାକୁ ବୁଝିବ ନାହିଁ
ସ୍ୱର୍ଗଦ୍ୱାରର ଶାଗୁଣା ମୁଁ,
ମୋତେ ପଚାର ମଢ଼ର ସୌନ୍ଦର୍ଯ୍ୟ!

ହାଣ୍ଡିଭଙ୍ଗା, ଅସୁରେଶ୍ୱର, କଟକ
ଦୂରଭାଷ : ୭୯୭୮୩୭୧୫୬୬

# ଆକାଶର ଛାଇ


ବିନୟ ଭୂଷଣ ପାଣିଗ୍ରାହୀ



(ପୂର୍ବପ୍ରକାଶ ଉତ୍ତାରୁ)

କାଲି ମହାବିଷୁବ ସଂକ୍ରାନ୍ତି। କାଲିଠାରୁ ପାଟଣମଙ୍ଗଳା ଯାତ୍ରାରମ୍ଭ ହେବ। ପ୍ରଚାର ଗାଡି କହୁଥିଲା ମହାମାରୀକୁ ରୋକିବା ପାଇଁ ସରକାର କୁଆଡେ ଯାନି-ଯାତରା, ମେଳା-ମଉଛବ, ବାହାଭୋଜି, ମନ୍ଦିର, ମସଜିଦ୍, ଗୀର୍ଜା, ଗୁରୁଦ୍ୱାର, ପର୍ବ-ପର୍ବାଣୀ ଆଦି ସବୁକିଛିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିବା ଲାଗି ଆଦେଶ ଦେଇଛନ୍ତି। ଅନ୍ୟସବୁ କଥା ଅଲଗା, ହେଲେ ଏଇ କଥାଟି ଉପରେ ମାଗୁଣୀର ଟିକିଏ ବିଶ୍ୱାସ ହେଲାନାହିଁ। ଆଜିକାଲି ଇଏ ଗୋଟିଏ ପୁଣି କି ମହାମାରୀ ଯେ ମାଆଙ୍କ ଯାତ ବନ୍ଦ ହେଇଯିବ! ଆମ ସମୟର କହିବାକୁ ଗଲେ ପ୍ରାୟ ପ୍ରତିବର୍ଷ ମହାମାରୀ ଯୋଗୁଁ ତାଟି କବାଟ ପଡିଯାଉଥିଲଣ। ବାଡି ବୁଲିବା ଆରମ୍ଭ କଲେ ରାତାରାତି ଗୋଟେଗୋଟେ ସାହି ପୋଛି ନେଉଥିଲଣ। ଠାକୁରାଣୀ ଜ୍ୱର ପାପୀମାନଙ୍କ ଘରଡିହକୁ ଘଡିକରେ ନିଅଂଶୀ କରିଦେଉଥିଲା। ଆଉ ପ୍ରେତଜ୍ୱର ତ ଭଲଲୋକ-ଖରାପ ଲୋକ ଭିତରେ ପ୍ରବେଦ ନ ବାରି ବାପା-ମା'ଙ୍କ କୋଳରେ ଶୋଇଲା ପିଲାର ବେକ ମୋଡି ରକତ ପିଇଯାଇଥିଲା। ତା'ବୋଲି କ'ର ଯାତରା-ପୂଜା ବନ୍ଦ ହେଇଯାଉଥିଲା? ବରଂ ଚାନ୍ଦା ଭେଦା କରି ମେଳା, ପୂଜା-ପ୍ରାର୍ଥନା, ଯଜ୍ଞାଦି କରି ଦେବାଦେବୀଙ୍କ କ୍ରୋଧ ନିବାରଣ କଲାପରେ ମହାମାରୀ ଗାଁ ଛାଡୁଥିଲା। ଓଲଟା ଯୁଗର ଇଏ କି ଓଲଟା କଥା! ଯାକୁ ହିଁ କହନ୍ତି 'ବିନାଶ କାଳେ ବିପରୀତ ବୁଦ୍ଧି'। ମା'ମଙ୍ଗଳାଙ୍କ ପାଟୁଆ ଯାତ ବନ୍ଦ କରିଦେଲେ ତାଙ୍କ କୋପଦୃଷ୍ଟିରୁ କେହି ତ୍ରାହି ପାଇବେନି। ମାଆଲୋ ମାଆ, ୟାଙ୍କୁ ସବୁ ସଦବୁଦ୍ଧି ଦିଏ ଲୋ ମା'। -ମନେମନେ କହିସାରି ଆଖିମୁଦି ମା'ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ଦୁଇହାତ ଯୋଡିଲା ମାଗୁଣି।

ସଂକ୍ରାନ୍ତିପାଦିନ। ସିନ୍ଦୁରା ଫାଟିବା ଆଗରୁ ଉଠି, ଗାଧୁଆପାଧୁଆ ସାରି, ଦେବଦେବୀଙ୍କୁ ପଣାଲାଗି ସହ ସଅଳ ସଅଳ ପୂଜାର୍ଚ୍ଚନା ସାରି ରାତିରୁ ଏକାଠି କରି ରଖିଥିବା ପଣାସହ ସବୁକୁ ବାରିବାରି କରି ବୋହିନେଇ ବରଗଛମୂଳ ଚାଳିଆରେ ରଖିଲା। ଡେରି ନକରି ପ୍ରଥମ ହାଣ୍ଡିରେ ହାଣ୍ଡିଏ ପଣା ବନେଇ ସାରି ସୁରୁଜ ଦେବତାଙ୍କୁ ଚଉଳେ ପଣା ଟେକିଦେଇ ଆଣ୍ଠୁମାଡି ମୁଣ୍ଡିଆଟେ ମାରିଲା ମାଗୁଣି। ଆଉ ଟିକେକୁ ରାସ୍ତାରେ ଗହଳି ଲାଗଯିବାକୁ ପିଲାମାନେ ଦଳଦଳ ହେଇ ଧାଇଁ ଆସିବେ ପଣା ପିଇବା ପାଇଁ। ଏକୁଟିଆ ଲୋକ, ପଣା ଦେବ ନ ବେଲ ଭାଙ୍ଗି ପଣା ତିଆରି କରିବ? ଏବେଠୁଁ ତିଆରି କରି ରଖିଦେଇ ସେତେବେଳକୁ ଆଉ ଝାମେଲା ନଥିବ। ବାକି ବେଲତକ ଭାଙ୍ଗି ନଡିଆ କୋରଣୀରେ ବାହାର କରି ଦହିପଣା ଭରା ହାଣ୍ଡିରେ ଚକଟି ମଞ୍ଜି ଆଉ ପାରୁ ତକ ଛାଣିସାରି ବଣାଗୁଡ ମିଶଉ ମିଶଉ ଆଖି ପାଇବା ଯାଏଁ ରାସ୍ତାର ଉଭୟ ଦିଗକୁ ଚାହିଁଲା ମାଗୁଣି, କୋଉଆଡୁ କେହି ଜଣେ ତ ଦିଶୁନାହାନ୍ତି କାହିଁ! ଦିନ ଆଠଣା ହେଲାଣି ଅଥଚ ଆଜିପରା ଦିନରେ ଏ ରାସ୍ତାରେ ପୁଣି ଜଣେଲୋକ ନାହିଁ? କିଛି ନହେଲେ, ପିଲାମାନେ ତ ଆସି ଅଥୟ କରିସାରନ୍ତେଣି ଏତେବେଳକୁ! ସତରେ କଣ ଦେବୀ ଯାତରା ବନ୍ଦ କରିଦେଲେ ସରକାର ତାଙ୍କ ନିଜ ଇଚ୍ଛାରେ! ବେଳକୁ ବେଳ ମାଗୁଣିର ବ୍ୟସ୍ତତା ବଢ଼ିବଢ଼ି ବ୍ୟାକୁଳତାରେ ପରିବର୍ତ୍ତନ ହେଲା। ଅଣାୟତ୍ତ ହୋଇସାରିଥିବା ମାନସିକ ବିଚଳନକୁ ନିଜ ଭିତରେ ଅବରୁଦ୍ଧ କରି ରଖିବାର ଉଦ୍ୟମ ବନ୍ଧଭାଙ୍ଗି ସାରିଥିବା ଜଳଭଣ୍ଡାରର ପ୍ରଖର ପ୍ରବାହୀ ଜଳରାଶିକୁ ରୋକିବାର ନିଷ୍ଫଳ ପ୍ରୟାସ ପରି ସମ୍ପୂର୍ଣ୍ଣ ଅସମ୍ଭବ।



ସୂର୍ଯ୍ୟଦେବତା କେବେଳୁ ତାଳୁ ଉପରକୁ ଆସି ଆସ୍ତେଆସ୍ତେ ପଶ୍ଚିମକୁ ତଳିଲେଣି। ଅସ୍ଥିର ଭାବରେ ଚାଳିଆରୁ ପିଚୁ ସଡକ ଉପରକୁ ଆଉ ପିଚୁ ସଡକରୁ ଚାଳିଆକୁ ଯା'ଆସ କରୁକରୁ ହଠାତ ପଣାହାଣ୍ଡି ଦୁଇଟି ଉପରୁ ଢାଙ୍କୁଣୀ ଟେକିଦେଇ ପଣାକୁ ଚାହିଁଦେଲା ମାତ୍ରେ ଭୟଙ୍କର ଭାବେ ଚମକି ପଡିଲା ମାଗୁଣି। ଏ କଣ ଦେଖୁଛି ସେ? ଏତେ ଯତ୍ନରେ ତିଆରିକରି ରଖିଥିବା ବେଲପଣା ଯାକ କୁଆଡେ ଉଭାନ ହେଇଗଲା। ଦୁଇଟା ଯାକ ହାଣ୍ଡିରୁ ନର୍କର ପ୍ରତିଗନ୍ଧ ଉଠି ରୁନ୍ଧି ପକାଇଲା ତା'ର ଶ୍ୱାସପ୍ରଶ୍ୱାସକୁ। ଉଭୟ ହାଣ୍ଡିରେ ହାଲୁହାଲୁ ହେଉଥିଲେ କେମିତି ଏକ ବିଚିତ୍ର ଆକୃତିର କ୍ଷୁଦ୍ରାତିକ୍ଷୁଦ୍ର ମାତ୍ର ଅତ୍ୟନ୍ତ ଭୟଙ୍କର ଅନୁକୋଟି ବିଷାକ୍ତ କୀଟ। ମାଗୁଣି ଆଖିର ପଲକ ପଡିବା ପୂର୍ବରୁ ବିଭତ୍ସ ନରଖାଦକ ରୂପ ଧାରଣ କରି ସେଇ କୀଟ ମାନେ ମାଡି ଆସି ଚରିଗଲେ ଆପାଦମସ୍ତକ ସର୍ବାଙ୍ଗରେ ତା'ର। ମୁହୂର୍ତ୍ତକ ଭିତରେ ମାଗୁଣିର ଆଖି, ନାକ, କାନ, ପାଯି, ତଥା ଶରୀରର ପ୍ରତି ଲୋମକୂପରେ ଗଭୀର ଗର୍ତ୍ତମାନ ଖୋଳି ଦେହ ଭିତରକୁ ପଶିଗଲେ ଏବଂ କ୍ଷଣକ ଭିତରେ ଅବରୁଦ୍ଧ କରିଦେଲେ ଶ୍ୱାସନଳୀ ଓ ଗୋଟି ଗୋଟି କରି ସବୁଯାକ ଶିରା-ଧମନୀକୁ। କେତେକେତେ ମହାମାରୀ ଦେଖିଦେଖି-ମୁକାବିଲା କରି, ମୁହାଁମୁହିଁ ଲଢ଼େଇରେ କେତେକେତେ ଦୁଖଦୁର୍ଦ୍ଦଶାର ଟାଣପଣ ଭାଙ୍ଗି ତା'ର ସେଇ କ୍ଷୀଣ ଶରୀରେ ତେୟାଅଶୀ ବର୍ଷ ପର୍ଯ୍ୟନ୍ତ ବାଟ କଢ଼େଇ ଆଣିଥିବା ପ୍ରାଣସତ୍ତାଟିକୁ ସେଇ କୀଟମାନେ ଅଗତ୍ୟା ଦ୍ୱିଧା ବିଭକ୍ତ କରି ତା'ର ଦୁଇ ଆଖି ଦେଇ ବାହାର କରିନେଲା ବେଳେ କ୍ଷଣିକ ପାଇଁ ଆଖି ସାମ୍ନାରେ ଦିଶିଗଲା ରୁଗାର ନିରାଶିଆ ଶୁଖିଲା ମୁହଁ ଆଉ କାନକୁ ଶୁଭିଗଲା ତା' ମୁହଁର ସେଇ ଶେଷ କଥା ପଦକୁ 'ମୋ ରାଣ ଖାଇ କୁହ ବାପା, ତମେ ମୋ ସାଥିରେ ଯିବ। ଆକାଶର ଉଜ୍ଜ୍ୱଳ ଖରା ଅକସ୍ମାତ ଅମାବାସ୍ୟାର ଗାଢ଼ ଅନ୍ଧାରରେ ପରିବର୍ତ୍ତନ ହେଲା, ସତେଅବା ଆକାଶର ଛାଇ ଢାଙ୍କିଦେଲା ତା' ଆଖିର ଦିଗ-ଦିଗନ୍ତକୁ। ଭାଡି ଉପରୁ ପଣାଭାର ହାଣ୍ଡି ଦୁଇଟା ଯାକ ଏକସଙ୍ଗେ ତଳେପଡି ଭାଙ୍ଗିଯିବାର ଶବ୍ଦ ଶୁଭିବା ଆଗରୁ ମାଗୁଣି ଆଉକି ପଡିଲା କୈଶୋରର ସାଥି ସେଇ ବରଗଛର ବେଶ ଓସାରିଆ ଗଣ୍ଡି ଉପରକୁ ଏକ ଭିନ୍ନ ମୁଦ୍ରାରେ। ବିସ୍ଫାରିତ ଚକ୍ଷୁଦ୍ୱୟ ତା'ର ମାଗୁଣି ବଟ ପାର୍ଶ୍ୱ ଦେଇ ଦୁଇ ଭିନ୍ନ ଦିଗକୁ ଲମ୍ବି ଯାଇଥିବା ପକ୍କା ସଡକର ତରଳି ଯାଇଥିବା କଳା ମିଚିମିଚି ପିଚୁ ଉପରେ ଲାଖିଯାଇ ସ୍ଥିର ହେଇଗଲେ, ସତେ ଯେମିତି ଆଖି ତା'ର ଖୋଜୁଥିଲା ତୃଷିତ ପଥିକଟିଏ କିମ୍ବା ତାକୁ ସାଥିରେ ନେଇ ଯିବାକୁ ଆସୁଥିବା ପୁଅ ରୁଗାକୁ।

(ଶେଷ)

ହରସିଂହପୁର, ପୀରହାଟ ବଜାର, ଭଦ୍ରକ
ଦୂରଭାଷ : ୯୯୩୭୫୪୮୪୩୧

# ଗୁରୁ ରାଧାକ୍ରିଷ୍ଣନ୍



ଅକ୍ଷୟ କୁମାର ରାଉତ

ଏ ଧରାଧାମରେ ଭାବ, ଭକ୍ତି, ଜ୍ଞାନତତ୍ୱ, ରଜ୍ଜୁରେ ବନ୍ଧା ସତ୍ୟ, ଦୟା,କ୍ଷମା ଓ ଶାନ୍ତିର ପବିତ୍ର ଦେବ ଭୂମି ଭାରତ। ଏହି ବ୍ରହ୍ମବିଦ୍ୟାର ଦେବ ଭୂମିରେ ସର୍ବଦା ଇଶ୍ୱର ଅବତାର ଗ୍ରହଣ କରନ୍ତି। କେତେ ମୁନି, ଋଷି, ଦାର୍ଶନିକ, ବୈଜ୍ଞାନିକ, ରାଷ୍ଟ୍ରନୀତିଜ୍ଞ, କବି, ଲେଖକ, କଳାକାର ଓ କର୍ମଯୋଗୀବୀର ଏହି ପବିତ୍ର ଭାରତ ଭୂମିରେ ଜନ୍ମଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ୧୮୮୮ ମସିହା ସେପ୍ଟମ୍ବର ମାସ ୫ ତାରିଖରେ କୁଆଁ କୁଆଁ ଡାକ ଛାଡି ଆନ୍ଧ୍ରପ୍ରଦେଶର ସର୍ବପଲ୍ଲୀ ଗ୍ରାମର ବୀର ସ୍ୱାମୀ ଓ ସିତାମ୍ମା ମୁଖମଣ୍ଡଳ ଉଜ୍ଜଳ କରି, ଜନ୍ମଗ୍ରହଣ କରିଥିଲେ ମହାନ ଦାର୍ଶନିକ ରାଧାକ୍ରିଷ୍ଣନ୍ । ଦକ୍ଷିଣ ଭାରତରେ ବାସକରୁଥିବା ଲୋକମାନଙ୍କର ଏକ ପରମ୍ପରା, ପ୍ରତେକ ଜନ୍ମୀତ ବ୍ୟକ୍ତିର ନାମ ପୂର୍ବରୁ ଗ୍ରାମ ନାମଲେଖା ଯାଉଥାଏ। ତେଣୁ ରାଧାକ୍ରିଷ୍ଣନ୍ଙ୍କ ନାମକରଣ କରାଯାଇଥିଲା ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ । ତାଙ୍କର ପିତା ବ୍ରାହ୍ମଣ ହୋଇଥିବାରୁ କର୍ମଥିଲା ପୌରହିତ୍ୟ କରିବା। ପୌରହିତ୍ୟରେ ଯାହାବି କିଛି ରୋଜଗାର କରୁଥିଲେ ସେଥିରେ ପାଚୋଟି ପୁଅ ଓ କନ୍ୟାଙ୍କୁ ଶିକ୍ଷା ଦେଇ ମନୁଷ୍ୟ କରିବା କଷ୍ଟକର ବ୍ୟାପାର ଥିଲା।



ମିସେନାରୀ ସ୍କୁଲରୁ ପ୍ରାଥମିକ ଶିକ୍ଷା ସମାପ୍ତ କରି ରାଧାକ୍ରିଷ୍ଣନ୍ ଭେଲୋରରେ କାକାଙ୍କ ଘରେ ରହି ଏନଟ୍ରାସ୍ ଓ ଏଫଏ କୃତିତ୍ୱର ସହିତ ଉତିର୍ଣ୍ଣ ହୋଇଥିଲେ। ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ପ୍ରଥମ ସ୍ଥାନରେ ବି.ଏ ପାଶକଲା ପରେ ପୁନଶ୍ଚ ସେହି କଲେଜରେ ଦର୍ଶନ ଶାସ୍ତ୍ରରେ ଏମ.ଏ କରିଥିଲେ। ସେ 'ଦି ଏଥିକ୍ସ ଅଫ ବେଦାନ୍ତ ଏଣ୍ଡ ଇଟସ୍ମେଟା ଫିଜିକାଲ ପ୍ରିସପୋଜିସନସ୍' ନାମରେ ଏକ ସନ୍ଦର୍ଭ ରଚନା କରିଥିଲେ। ମୁଖ୍ୟ ଅଧାପକ ହଗସ୍ ଏହି ସନ୍ଦର୍ଭଟିକୁ ପଢି ଖୁବ୍ ଗର୍ବ ଅନୁଭବ କରିଥିଲେ। ଦର୍ଶନ ଶାସ୍ତ୍ରରେ ଏମ୍. ଏ ପାଶ କରି ରାଧାକ୍ରିଷ୍ଣନ୍ ମାଦ୍ରାଜର ପ୍ରେସିଡେନସି କଲେଜରେ ଅଧାପକ ଭାବରେ କାର୍ଯ୍ୟକଲେ। ରାଧାକ୍ରିଷ୍ଣନ୍ଙ୍କର ଜ୍ଞାନ, ଛାତ୍ରବତ୍ସଳତା, ଅଧାପନାର ଶୌଳୀ ଛାତ୍ରସମାଜକୁ ମୁଗଧ୍ୱ କରିଥିଲା। ଛାତ୍ରମାନେ ତାଙ୍କୁ ଗୁରୁଭାବରେ ଗ୍ରହଣ ନ କରି ନିଜର ପିତା ବୋଲି ମନେକରୁଥିଲେ। ରାଧାକ୍ରିଷ୍ଣନ୍ ଖୁବ୍କମ୍ ଦିନ ମଧ୍ୟରେ ଧୀଶକ୍ତିର ପରିଚୟ ଦେଇ 'ଡକ୍ଟରେଟ' ଉପାଧି ଲାଭ କରିପାରିଥିଲେ।

ସେ ଷୋଳବର୍ଷ ବୟସରେ ଶିବାକାମୁ ନାମ୍ନୀ ଜଣେ ବାଳିକା ସହିତ ବିବାହ କରିଥିଲେ। ଶିବାକାମୁଙ୍କ ପିତା ଇହଧାମ ପରିତ୍ୟାଗ କଲାପରେ ତେରବର୍ଷ ବୟସରେ ପତିଙ୍କ ଗୃହକୁ ଆସିବାକୁ ପଡିଥିଲା। ଶିବାକାମୁଙ୍କର ପ୍ରଥମ ଗର୍ଭରେ ଏକ କନ୍ୟାସନ୍ତାନଟିଏ ଜନ୍ମନେଲା। ଶିବାକାମୁ ଜଣେ ଆଦର୍ଶହିନ୍ଦୁ ନାରୀଭାବରେ



ପରିଚିତ। ରାଧାକ୍ରିଷ୍ଣନ୍ଙ୍କର ହିନ୍ଦୁ ପ୍ରତି ଯେଉଁ ଆଦର୍ଶ ଥିଲା ସେହି ପରି ସ୍ତ୍ରୀଙ୍କୁ ପାଇ ସେ ଖୁସିହୋଇ ଯାଇଥିଲା।

୧୯୧୮ ମସିହା ବେଳକୁ ମହୀଶ୍ୱର ବିଶ୍ୱବିଦ୍ୟାଳୟରେ ଅଧପକ ଭାବେ ରାଧାକ୍ରିଷ୍ଣନ୍ ଯୋଗଦେଲେ। ୧୯୨୦ ମସିହା ବେଳକୁ ରାଧାକ୍ରୀଷ୍ଣନ୍ଙ୍କର ଲିଖିତ ପ୍ରବନ୍ଧ ଗୁଡିକୁ ମ୍ୟାକମିଲାନଙ୍କ କମ୍ପାନୀ ଏକ ପୁସ୍ତକ ରୂପେ ପ୍ରକାଶନ କରିଥିଲେ ତାହାର ନାମ 'THE REIGN OF RELIGION IN CONTEMPORARY PHILOSOPHY'। ଏହି ପୁସ୍ତକ ଯୋଗୁ ଆମେରିକାର ଦର୍ଶନ ପ୍ରଫେସର ହିଡମ୍ୟାନ ରାଧାକ୍ରିଷ୍ଣନଙ୍କୁ ନିମନ୍ତ୍ରଣକରି ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ଅନ୍ୟ ଏକ ପୁସ୍ତକ' THE PHILOSOPHY OF RABINDRANATH' ପ୍ରକାଶ ହେବା ପରେ ରାଧାକୃଷ୍ଣନ ପୃଥିବୀରେ ଜଣେ ଦକ୍ଷ ଦାର୍ଶନିକ ଭାବରେ ପରିଚିତ ହୋଇ ପାରିଥିଲେ। ୧୯୨୧ ମସିହାରେ ରାଧାକ୍ରିଷ୍ଣନ୍ ମହୀଶ୍ୱର ବିଶ୍ୱବିଦ୍ୟାଳୟରୁ ଆସି କଲିକତା ବିଶ୍ୱବିଦ୍ୟାଳୟରେ ଦର୍ଶନ ଶାସ୍ତ୍ର ଅଧାପକ ଭାବରେ ଯୋଗଦାନ କଲେ। ସେଠାରେ ପ୍ରଫେସର ଥିବା ସମୟରେ'INDIAN PHILOSOPHY' ନାମରେ ଏକ ପୁସ୍ତକ ରଚନା କରିଥିଲେ। ଦର୍ଶନ ଓ କଳା ସମ୍ବନ୍ଧରେ ଆଲୋଚନା ପାଇଁ ଏକ ' ଆର୍ଟସ୍ ଫାକ୍ଲଟିକ୍ଲବ ' ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ରାଧାକୃଷ୍ଣନ ୧୯୩୯ ଓ ୧୯୪୦ ମସିହାରେ କଲିକତା ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳରେ ଅଧାପକତ୍ୱ କରିବା ସଙ୍ଗେ ସଙ୍ଗେ ବନାରସ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କୁଳପତି ଭାବରେ କାର୍ଯ୍ୟ କରୁଥିଲେ। ରାଧାକୃଷ୍ଣନ ଜଣେ ପଥ ପ୍ରଦର୍ଶକ, ଦାର୍ଶନିକ, ଦୟାଦ୍ର, ସ୍ନେହୀ ଓ ସହାନୁଭୂତି ସମ୍ପନ୍ନ ମଣିଷ ଥିଲେ। ତାଙ୍କର ଇଂରାଜୀ ଭଷାରେ ଅଗାଧ ପାଣ୍ଡିତ୍ୟ ଥିବାରୁ ଇଂଲଣ୍ଡର ରାଣୀ ତାଙ୍କୁ 'ସାର' ଉପାଧିରେ ଭୂଷିତ କରିଥିଲେ।

ରାଧାକ୍ରିଷ୍ଣନ୍ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ହେବାପରେ ଏହି ବିଶ୍ୱବିଦ୍ୟାଳୟର କଳା ଓ ବିଜ୍ଞାନ ବିଭାଗ ଗୁଡିକର ଉନ୍ନତି ସାଧନ କରି ଏକ ଗବେଷଣା କେନ୍ଦ୍ର ଖୋଲି ପାରିଥିଲେ। ଏଥି ଯୋଗୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଏକ ସର୍ବଶ୍ରେଷ୍ଠ ଆଦର୍ଶ ବିଶ୍ୱବିଦ୍ୟାଳୟରେ ପରିଣତ ହେଲା।୧୯୩୯ରେ ମାଳବ୍ୟଜୀ ଅସୁସ୍ଥ ହୋଇ ପଡିବାରୁ ସେ ହିନ୍ଦୁ ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ଯୋଗଦାନ କଲେ। ରାଧାକୃଷ୍ଣ ଥିଲେ ଉଚ୍ଚକୋଟୀର ପ୍ରଶାସକ ଓ ଆଦର୍ଶ କୁଳପତି। ତାଙ୍କର ହୃଦୟ ଲହୁଣୀ ପରି କୋମଳ ଓ ବଜ୍ର ପରିକଠିନ। ୧୯୪୯ ମସିହାରେ ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ରୁଷିଆର ରାଷ୍ଟ୍ରଦୂତ ଭାବେ ରାଧାକ୍ରିଷ୍ଣନ୍ଙ୍କୁ ନିଯୁକ୍ତି କଲେ। ଲୌହମାନବ ଷ୍ଟାଲିନଙ୍କ ସହିତ ତାଙ୍କର ସାକ୍ଷାତ ଏକ ଐତିହାସିକ ଦିନ ଥିଲା। ଯେଉଁଥିପାଇଁ ଭାରତ ଓ ରଷ୍ଯ ମଧ୍ୟରେ ମଧୁମୟ ସଂପର୍କ ସ୍ଥାପନ ହେଲା।

ରାଧାକ୍ରିଷ୍ଣନ୍ ଭାରତବର୍ଷର ପ୍ରଥମ ଉପରାଷ୍ଟ୍ରପତି ଭାବେ ରାଜ୍ୟସଭାର ଅଧକ୍ଷ ଭାବରେ କାର୍ଯ୍ୟକଲେ। ୧୯୬୨ ମସିହାରେ ଡଃ ରାଜେନ୍ଦ୍ର ପ୍ରସାଦ ସ୍ୱଇଚ୍ଛାରେ ଅବସର ଗ୍ରହଣ କରିବାରୁ ସର୍ବପଲ୍ଲୀଡଃ. ରାଧାକ୍ରିଷ୍ଣନ୍ ରାଷ୍ଟ୍ରପତି ପଦବୀରେ ଅଭିଶିକ୍ତ ହୋଇଥିଲେ। ଏହି ସମୟରେ ଚୀନ ଭାରତକୁ ପଶି ଆସିବା, ତତକାଳୀନ ପ୍ରତିରକ୍ଷାମନ୍ତ୍ରୀ କୃଷ୍ଣ ମେନନଙ୍କ ଅପାରଗତା ଯୋଗୁ ପାକିସ୍ତାନ ଭାରତକୁ ଆକ୍ରମଣ କରିବା। ଏହି ପରିସ୍ଥିତରେ ରାଧାକ୍ରିଷ୍ଣନ୍ଙ୍କ ପରାମର୍ଶ ଦେଶକୁ ଏକ ବଡ ବିପଦରୁ ରକ୍ଷା କରିପାରିଥିଲା। ଦେଶର ସ୍ୱାର୍ଥ, ସମ୍ମାନ ଓ ଆଦର୍ଶ ରକ୍ଷା କରିବା ରାଷ୍ଟ୍ରପତିଙ୍କର ମୁଖ୍ୟ କର୍ତ୍ତବ୍ୟ।

ଦେଶର ଦର୍ଶନ, ସାହିତ୍ୟ, ଶିକ୍ଷା ଓ କ୍ରୀଡାକୁ ଉନ୍ନତି କରିବା ପାଇଁ ସେ ବ୍ୟାକୁଳ ଥିଲେ। ତେଣୁ କର୍ମମୁଖର ଜୀବନରେ ଭାରତୀୟ ସାହିତ୍ୟ ଏକାଡେମୀର ସଭାପତିତ୍ୱ ଗ୍ରହଣ କରିଥିଲେ। ଆଜି ଦେଶର ସାହିତ୍ୟିକମାନେ ସେମାନଙ୍କର କୃତି ପାଇଁ ଯେଉଁ ଜାତୀୟ ଏକାଡେମୀ ପୁରସ୍କାର ଲାଭ କରି ସମ୍ମାନିତ ତଥା ଉତ୍ସାହିତ ହେଇଛନ୍ତି। ତାହା କେବଳ ଯୋଗଜନ୍ମା ରାଧାକ୍ରିଷ୍ଣନଙ୍କ ପ୍ରଚେଷ୍ଟାର ଫଳ।

ରାଧାକ୍ରିଷ୍ଣନ ଏକାଧାରରେ ଦାର୍ଶନିକ, ରାଜନୀତିଜ୍ଞ, ଗୁର, ରାଷ୍ଟ୍ରଦୂତ, ଉପରାଷ୍ଟ୍ରପତି, ରାଷ୍ଟ୍ରପତି ଭାବରେ ବିଶ୍ୱରେ ପୂଜା ପାଉଥିବା କାରଣରୁ, ଭାରତ ତାଙ୍କର ସ୍ମୃତିରକ୍ଷା ନିମନ୍ତେ ରାଧାକ୍ରିଷ୍ଣନଙ୍କର ଜନ୍ମ ଦିବସକୁ "ଗୁରୁ ଦିବସ"ଭାବରେ ପାଳନ କରାଯାଏ।





ରାଷ୍ଟ୍ରପତି ପଦବୀରୁ ଅବସର ନେବା ପରେ ଅବଶିଷ୍ଟ ଜୀବନକୁ ସେ ଲେଖିବା, ପଢିବା ଓ ଦେଶ ସେବାରେ ବିତାଇଥିଲେ। ୧୯୭୫ ମସିହା ଏପ୍ରିଲ ୧୭ ତାରିଖରେ ଦୀର୍ଘ ୮୬ ବର୍ଷ ପର୍ଯ୍ୟନ୍ତ ରାଷ୍ଟ୍ରସେବା କରି ଚିରଦିନ ପାଇଁ ଆଖିବୁଜି ଦେଇଥିଲେ। ଚେନ୍ନାଇର ମଇଲାପୁର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କ୍ରିୟା ସମାପନ କରାଯାଇଥିଲା।

ଆଜିଡକ୍ଟର ରାଧାକ୍ରିଷ୍ଣନ୍ ଯେ ଜଣେ ମହାପଣ୍ଡିତ,ବକ୍ତା, ଦାର୍ଶନିକ ଭାବରେ ସ୍ମରଣୀୟ ହୋଇଛନ୍ତି,ତା ନୁହେଁ ତାଙ୍କର ମାନବିକତାହିଁ ତାଙ୍କୁ ସର୍ବଜନ ପୂଜ୍ୟ କରିଅଛି। ସେଥିପାଇଁ ଲୋକ ଚକ୍ଷୁରେ ସେ ଥିଲେ ମହାତ୍ମା ମହାପୁରୁଷ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର*
*ଦୂରଭାଷା-୯୯୩୭୬୯୧୪୭୫*



# ବିଶ୍ୱବିଦ୍ୟାଳୟ ଗୁଡିକୁ ଅମଲାତାନ୍ତ୍ରୀକରଣ କରିବାକୁ ଚାହୁଁଛନ୍ତି ରାଜ୍ୟ ସରକାର : ବିଜେପି


**ଭୁବନେଶ୍ୱର :** ଓଡିଶା ସରକାରଙ୍କର ପ୍ରସ୍ତାବିତ ଓଡିଶା ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ ଅଧିନିୟମ-୧୯୮୯ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନ-୨୦୦୫ର ପ୍ରତ୍ୟାହାର ବିଶ୍ୱିବିଦ୍ୟାଳୟ ଗୁଡିକର ସ୍ୱାୟତତା କ୍ଷୁର୍ଣ୍ଣ କରିବା ସହ ଶିକ୍ଷାର ମାନଦଣ୍ଡକୁ ମଧ ପ୍ରତିକୂଳ ଭାବେ ପ୍ରଭାବିତ କରିବ । ଏହି ଅଧିନିୟମରେ ପ୍ରାଧାପକମାନଙ୍କର ନିଯୁକ୍ତିରେ ବ୍ୟାପକ ଅନିୟମିତତା ଓ ରାଜନୈତିକ ହସ୍ତକ୍ଷେପ ରହିବାର ସୁଯୋଗ ଥିବା ସହ କୁଳପତିଙ୍କ ପଦ ମର୍ଯ୍ୟାଦା ଓ କ୍ଷମତା ସଙ୍କୁଚିତ ହେବ । ବିଧାୟିକା(ଲେଜିସଲେଚର)ଙ୍କୁ ଉତର ଦାୟୀତ୍ୱରୁ ମଧ ବିଶ୍ୱବିଦ୍ୟାଳୟ ଗୁଡିକୁ ବାଦ୍ ଦିଆଯାଇଛି । ଏହାଦ୍ୱାରା ଯୁଗ ଯୁଗ ପାଇଁ ଶିକ୍ଷା ଓ ଗବେଷଣାର ମାନ ହ୍ରାସ ପାଇବ ଓ ବିଶ୍ୱବିଦ୍ୟାଳୟ ଗୁଡିକ ସାଧାରଣ କଲେଜ ଭଳି କାମ କରିବେ । ଛାତ୍ର, ସମାଜ ଏବଂ ଦେଶର ଭବିଷ୍ୟତ ପାଇଁ ଏହା ଚିନ୍ତାଜନକ ବିଷୟ। ଏହି ଅଧାଦେଶ ଆଣି ରାଜ୍ୟସରକାର ଓଡିଶାରେ ଉଚ୍ଚଶିକ୍ଷାର ସଂପୂର୍ଣ୍ଣ ଅମଲାତନ୍ତ୍ରୀକରଣ ଓ ରାଜନୈତିକ ହସ୍ତକ୍ଷେପ ବଢେଇବା ସହ ଉଚ୍ଚଶିକ୍ଷାର ମାନଦଣ୍ଡକୁ ହ୍ରାସ କରାଇବା ପାଇଁ ଷଡଯନ୍ତ୍ର ରଚିଛନ୍ତି । ଏହି ପଦକ୍ଷେପ ସଂପୂର୍ଣ୍ଣଭାବେ ଅଗଣତାନ୍ତ୍ରିକ ଓ ଅସମ୍ବିଧାନିକ। ପାଠପଢ଼ା ଓଡ଼ିଶାର ମୂଳପୁଞ୍ଜି। ଓଡ଼ିଆ ପିଲା ମାନଙ୍କର ମେଧା ଶକ୍ତି ଓଡ଼ିଶାକୁ ଆଗକୁ ନେବାରେ ସବୁଠୁ ବଡ଼ ମାଧ୍ୟମ । ଓଡ଼ିଆ ପିଲାଙ୍କ ବୁଦ୍ଧିକୁ ଅଧିକ ପ୍ରୋତ୍ସାହନ ଓ ସେମାନଙ୍କୁ ଆଗକୁ ନେବା ପାଇଁ ବିଶ୍ୱବିଦ୍ୟାଳୟର ସ୍ୱାୟତତା ରହିବା ଜରୁରୀ । ବିଶ୍ୱ ବିଦ୍ୟାଳୟ ମାନଙ୍କରେ ସ୍ଥାନୀୟ ଆକାଂକ୍ଷାକୁ ଆଧାର କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ ହୁଏ । ସେହି ଅନୁସାରେ ନୂଆ ମଡ଼େଲ୍ ତିଆରି ସମ୍ଭବ, ଯାହା କେବଳ ଭାରତ ନୁହେଁ ବିଶ୍ୱବିଦ୍ୟାଳୟର ମଧ ନୂଆ ପରିଚୟ ତିଆରି ହୁଏ । ଯଦି ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ ଓ ରାଜନୈତିକ କ୍ଷମତା ଠୁଳ କରାଯିବ ତେବେ ଶିକ୍ଷାର ବିବିଧତା-ସ୍ଥାନୀୟ ଆକାଂକ୍ଷାରେ ବଡ଼ ଅନ୍ତରଣ ତିଆରି ହେବ । ଓଡ଼ିଆ ପିଲା ମାନଙ୍କ ବୌଦ୍ଧିକ କ୍ଷମତାକୁ ବଢ଼ାଇବା ପାଇଁ ବିଶ୍ୱବିଦ୍ୟାଳୟର ସ୍ୱାୟତତା ରହିବା ଏକାନ୍ତ ଜରୁରୀ। ଉଚ୍ଚଶିକ୍ଷାର ଏକ ବିଶେଷ ଅନୁଷ୍ଠାନ ଭାବରେ ଶିକ୍ଷକ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କୁ ପ୍ରକ୍ରିୟା ଅନୁସାରେ ନିଯୁକ୍ତି ଦେବା ବିଶ୍ୱବିଦ୍ୟାଳୟର ମୌଳିକ ସ୍ୱାଧୀନତା ଏବଂ ଉନ୍ନତମାନର ଶିକ୍ଷାକୁ ଅନୁସରଣ କରିବାର ସ୍ୱାଧୀନତା ରହିଛି । ଯଦି ବିଶ୍ୱବିଦ୍ୟାଳୟର ସ୍ୱାଧୀନତା ରାଜ୍ୟ ସରକାର ନରଖିବେ, ତେବେ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ମଧ୍ୟରେ ପାର୍ଥକ୍ୟ କ'ଣ ରହିବ ? ସରକାରୀ ଅଧିକାରୀଙ୍କ ଅଧିକ ହସ୍ତକ୍ଷେପ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ନଷ୍ଟ କରିଦେଇପାରେ । ଇତିହାସକୁ ଦେଖିଲେ ବିଶ୍ୱର ଯେକୌଣସି ବିଶ୍ୱବିଦ୍ୟାଳୟର ଦାୟିତ୍ୱ ପ୍ରଶାସନିକ ଅଧିକାରୀମାନେ ନେଇଛନ୍ତି ସେଠାରେ ବିଶ୍ୱବିଦ୍ୟାଳୟ ଚାଲିପାରିନାହିଁ ବରଂ ଏହା ଦ୍ୱାରା ସେମାନଙ୍କ ପାଇଁ ପ୍ରିୟାପ୍ରିତି ତୋଷଣ ପାଇଁ ରାସ୍ତା ମଧ ଖୋଲିଯାଇଥାଏ । ଯେତେବେଳେ ଅନୁଷ୍ଠାନ ଗୁଡ଼ିକର ମୁଖ୍ୟ ନିଜେ ଶାସକ ଦଳର ଏଜେଂଟ ହେବେ, ସେତେବେଳେ ସେମାନଙ୍କ ଦାୟିତ୍ୱରେ ଥିବା ବିଶ୍ୱବିଦ୍ୟାଳୟ ସ୍ୱାଧୀନତା ଏବଂ ସତ୍ୟକୁ କିପରି ଭାବରେ ଅନୁସରଣ କରିବ ? ରାଜ୍ୟ ସରକାରଙ୍କ ନିଜସ୍ୱ ପ୍ରତିନିଧିଙ୍କ ମାଧ୍ୟମରେ ମାନନୀୟ କୁଳାଧିପତିଙ୍କ ଦ୍ୱାରା ଗଠିତ ୩ ଜଣିଆ ସଦସ୍ୟ ସିଣ୍ଡିକେଟ୍ ପ୍ରତିନିଧିଙ୍କୁ ବଦଳାଇ କୁଳପତିଙ୍କୁ ନିଯୁକ୍ତ କରିବା ଦିଗରେ ରାଜ୍ୟ ସରକାରଙ୍କ ସ୍ୱଷ୍ଟ ଏଜେଣ୍ଡା ରହିଥିବାର ସନ୍ଦେହ ସ୍ୱଷ୍ଟ କରୁଛି।



ପ୍ରଶାସନ ଅଧିକାରୀଙ୍କ ଠାରୁ ମୁକ୍ତ ହୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ନିଜର ପ୍ରମୁଖ ଦାୟିତ୍ୱ ନିର୍ବାହ କରିବା ସହ ଜ୍ଞାନ ଆହରଣ କରାଇବା ଦରକାର ଯେଉଁ ଆଦର୍ଶକୁ ଭାରତ ବଜାୟ ରଖିଛନ୍ତି। ଏହି କାରଣରୁ ଭାରତ ସରକାର ପ୍ରଶାସନିକ ଅଧିକାରୀଙ୍କୁ କୁଳପତି ଭାବରେ ନିଯୁକ୍ତି କରିବା ଠାରୁ ଦୂରେଇ ରଖିଛନ୍ତି । ଯଦି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଡ଼ିକ କେନ୍ଦ୍ର ଲୋକସେବା ଆୟୋଗ ମାଧ୍ୟମରେ ନିଯୁକ୍ତି ଦେଉନାହାନ୍ତି ତେବେ ରାଜ୍ୟ ସରକାର କାହିଁକି ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ନିଯୁକ୍ତି କରିବାକୁ ନିଷ୍ପତି ନେଇଛନ୍ତି ?

ଓଡ଼ିଶା ଲୋକସେବା ଆୟୋଗ ଏବଂ ରାଜ୍ୟ ଚୟନ ବୋର୍ଡ ଜରିଆରେ ବିଶ୍ୱବିଦ୍ୟାଳୟ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଓଡିଶା ସରକାର ପ୍ରଶାସନ ଅଧିକାରୀଙ୍କୁ ପ୍ରଭାବଶାଳୀ ଢଙ୍ଗରେ ଅଂଶୀଦାର କରି ରାଜ୍ୟର ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ପଙ୍ଗୁ କରିଦେବାକୁ ଚାହୁଁଛନ୍ତି । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟରେ ଶିକ୍ଷାନୁଷ୍ଠାନ ଗୁଡିକୁ ବହୁଳ ଭାବରେ କ୍ଷତି କରାଇବ। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନୂଆ ଶିକ୍ଷା ନୀତି ୨୦୨୦ ର ଉଲ୍ଲେଖନୀୟ ଦୂରଦୃଷ୍ଟି ନୀତି ଉପରେ ଓଡିଶା ସରକାର ବିଶ୍ୱବିଦ୍ୟାଳୟର ସ୍ୱୟତତା ଉପରେ ଏକ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି ଯାହା ନୂଆ ଶିକ୍ଷା ନୀତି ବିରୋଧୀ। ରାଜ୍ୟ ସରକାର ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡ଼ିକର ଅଧିକାରକୁ ଛଡ଼ାଇନେବାର ଷଡ଼ଯନ୍ତ୍ର କରିଛନ୍ତି । ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପରେ ରାଜ୍ୟ ସରକାରଙ୍କ ଏଣିକି ଏକଚାଟିଆ ଅଧିକାର ରହିବ । ଏହି ଶିକ୍ଷାନୁଷ୍ଠାନ ଗୁଡ଼ିକର ନିଯୁକ୍ତି ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭୂମିକା ରାଜ୍ୟ ସରକାରଙ୍କ ଗ୍ରହଣ କରିବେ । ଏହାସହ ବିଶ୍ୱବିଦ୍ୟାଳୟର ସିଲାବସ୍ ଓ ପରୀକ୍ଷା ଠାରୁ ଆରମ୍ଭ କରି ନିଯୁକ୍ତି ଏବଂ ବଦଳି କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରାଜ୍ୟ ସରକାରଙ୍କ ଉପରେ ରହିବ । ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ହେଉଛି ଶତପ୍ରତିଶତ ରାଜ୍ୟ ସରକାରଙ୍କ ସଂସ୍ଥା । ଏହି ସଂସ୍ଥା ଦ୍ୱାରା ନିଯୁକ୍ତି ପାଇଥିବା ବ୍ୟକ୍ତି ସରକାରଙ୍କ ଏଜେଣ୍ଡାରେ କାମ କରିଥାନ୍ତି । ଆଶ୍ଚର୍ଯ୍ୟର କଥା ହେଉଛି କେନ୍ଦ୍ର ସରକାର କିମ୍ବା ଅନ୍ୟ ସବୁ ରାଜ୍ୟ ସରକାର ଆରମ୍ଭ ହୋଇଥିବା ନୂଆ ଶିକ୍ଷା ନୀତି ୨୦୨୦ ଉପରେ ଦୃଷ୍ଟି ଦେଇଥିବା ବେଳେ ଓଡିଶା ସରକାର ଏହି ପ୍ରସଙ୍ଗରେ ବିଧାନସଭାରେ କୌଣସି ଆଲୋଚନା ବା ତର୍କବିତର୍କ ନକରି ନିଜ କ୍ୟାବିନେଟରେ ଏହି କଠୋର ନିଷ୍ପତି ଗ୍ରହଣ କରିଛନ୍ତି । ଓଡ଼ିଶା ଲୋକସେବା ଆୟୋଗର ଜଣେ ସଦସ୍ୟ ତଥା ରାଜ୍ୟ ସରକାରଙ୍କ ଅତି ନିକଟତର ପରି ମନେହେଉଥିବା ଜଣେ ବ୍ୟକ୍ତି କିଛି ଦିନ ପୂର୍ବରୁ ଦେନିକ ଖବରକାଗଜର ସମ୍ପାଦକୀୟ ପୃଷ୍ଠାରେ ଓପିଏସସି ଦ୍ୱାରା ବିଶ୍ୱବିଦ୍ୟାଳୟର ଅଧାପକ ଅଧାପିକାମାନେ ନିଯୁକ୍ତି ବିଷୟରେ ଲେଖିଥିଲେ । ରାଜ୍ୟ ସରକାର ସେହି ସମ୍ପାଦକୀୟ ଲେଖାକୁ ଅନୁସରଣ କରିଥିବା ଜଣାପଡୁଛି।

## ‘ସ୍ୱାଭାବିକ ହେଉଛି ଅର୍ଥନୀତି’



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ୍ ସଂକ୍ରାନ୍ତ ସମୀକ୍ଷା କାଳରେ ରାଜ୍ୟର ଅର୍ଥନୀତିର ବିକାଶ ଓ ସାଧାରଣ ଲୋକଙ୍କ ଜୀବନଜୀବିକାର ଉନ୍ନତି ନିମନ୍ତେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଏଥିନିମନ୍ତେ ସେ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଆଲୋକପାତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଜୀବିକା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରି ସବୁ ବିଭାଗର ଜୀବିକା ସୃଷ୍ଟି କାର୍ଯ୍ୟକ୍ରମ ଗୁଡିକୁ ଜୋରଦାର କରିବା ପାଇଁ ପରାମର୍ଶ ଦେଇଥିଲେ । କୌଣସି କ୍ଷେତ୍ରରେ ଅସୁବିଧା ଥିଲେ, ତାକୁ ତୁରନ୍ତ ଦୂର କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ପର୍ଯ୍ୟବେକ୍ଷକମାନେ ମଧ୍ୟ ଜିଲ୍ଲା ଗସ୍ତ ସମୟରେ ଜୀବିକା କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରନ୍ତୁ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ । ଶିଳ୍ପ ଓ କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ପୂର୍ଣ୍ଣସ୍ତରରେ କାର୍ଯ୍ୟକ୍ଷମ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୌଣସି ଶିଳ୍ପ କ୍ଷେତ୍ରରେ ଯଦି କିଛି ଅସୁବିଧା ଥାଏ, ତେବେ ତାକୁ ତୁରନ୍ତ ପ୍ରାଥମିକତା ଭିତ୍ତିରେ ଦୂରକରିବା ଆବଶ୍ୟକ । ଏହି ଅବସରରେ ମୁଖ୍ୟ ସଚିବ ଓ ଅନ୍ୟାନ୍ୟ ବିଭାଗ ସଚିବମାନେ ରାଜ୍ୟର ବିଭିନ୍ନ ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ । ସୂଚନା ଅନୁସାରେ ରାଜ୍ୟରେ କୃଷି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଅନ୍ୟାନ୍ୟ କ୍ଷେତ୍ରରେ ସମସ୍ତ କାର୍ଯ୍ୟକ୍ରମ ସ୍ୱାଭାବିକ ହୋଇଆସୁଛି । ଅଗଷ୍ଟ-ସେପ୍ଟେମ୍ବର ସୁଦ୍ଧା ସମସ୍ତ କ୍ଷେତ୍ରରେ ସୁଧାର ଆସିଛି । କୃଷି କ୍ଷକ୍ଷେତ୍ରରେ ଚଳିତ ବର୍ଷ ଖରିଫରେ ୫୫.୫୨ ଲକ୍ଷ ହେକ୍ଟର ଜମି ଚାଷ କରାଯାଇଛି ଯାହା କି ପୂର୍ବ ବର୍ଷ ଠାରୁ ୫ ପ୍ରତିଶତ ଅଧିକ । ଚଳିତବର୍ଷ ସାର ଓ ୟୁରିଆର ଚାହିଦା ମଧ୍ୟ ଗତବର୍ଷ ଠାରୁ ଅଧିକ ରହିଛି । ଚଳିତ ବର୍ଷ ୯୯୬୫ କୋଟି ଟଙ୍କାର ଫସଲ ଋଣ ପ୍ରଦାନ କରାଯାଇଛି, ଯାହା କି ଗତବର୍ଷ ଠାରୁ ମଧ୍ୟ ଅଧିକ । ଇସ୍ପାତ ଓ ଖଣି କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ରାଜ୍ୟରେ ୧୭୫୧୪ କୋଟି ଟଙ୍କାର ୨୦୦ଟି ନୂଆ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏଥିରେ ୧୩ ହଜାର କର୍ମନିଯୁକ୍ତିର ସମ୍ଭାବନା ରହିଛି । ସେହିପରି ଶିଳ୍ପ ଉତ୍ପାଦନ ୮୦% ପର୍ଯ୍ୟନ୍ତ ବୃଦ୍ଧି ପାଇ ସାରିଛି ବୋଲି ସୂଚନା ଦିଆଯାଇଥିଲା । ବିଦ୍ୟୁତ୍ ବ୍ୟବହାର, କାର୍ଗୋ ପରିଚାଳନା, ସବୁ କ୍ଷେତ୍ରରେ ଉନ୍ନତି ଆସିଛି । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ସେପ୍ଟେମ୍ବର ସୁଦ୍ଧା ୧.୫ଲକ୍ଷରୁ ଅଧିକ ୟୁନିଟ୍‌କୁ ପାଖାପାଖି ୩୦୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା ।

## ସବୁ ବିଶ୍ୱବିଦ୍ୟାଳୟ ପାଇଁ ଗୋଟିଏ ଆଇନ



**ଭୁବନେଶ୍ୱର :** ଏଣିକି ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକ ଗୋଟିଏ ଆଇନ ଅନୁସାରେ ପରିଚାଳିତ ହେବେ । ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ଏନେଇ ସଂଶୋଧନ କରାଯିବା ସହ ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୦୫କୁ ଉଚ୍ଛେଦ ହେବ । ଏହାସହିତ ବିଶ୍ୱବିଦ୍ୟାଳୟ ଗୁଡିକରେ ଥିବା ‘ସିନେଟ୍’ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରାଯିବ ଓ କୁଳପତିମାନଙ୍କର ଅବଧି ୩ ରୁ ୪ ବର୍ଷକୁ ବୃଦ୍ଧି କରାଯାଇଛି । କୁଳପତିମାନେ ସର୍ବାଧିକ ୬୭ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ । ରାଜ୍ୟ କ୍ୟାବିନେଟ୍ ଏନେଇ ଆନୁଷ୍ଠାନିକ ଅନୁମତି ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୨ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି ଯେ, ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ ଅନ୍ତର୍ଗତ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ପରିଚାଳିତ ହେଉଛନ୍ତି । କେବଳ ରେଭେନ୍ସା ବିଶ୍ୱବିଦ୍ୟାଳୟ ସ୍ୱତନ୍ତ୍ର ଆଇନ ମାଧ୍ୟମରେ ପରିଚାଳିତ ହେଉଥିଲା । ତେଣୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୦୫କୁ ଉଚ୍ଛେଦ କରାଯାଇ ତାକୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ ଅଧିନକୁ ଅଣାଯାଇଛି । ଏହାସହିତ କୁଳପତିମାନଙ୍କର ଅବଧିକୁ ୩ ରୁ ୪ ବର୍ଷକୁ ବୃଦ୍ଧି ଓ ସେମାନଙ୍କର ଅବସର ବୟସସୀମା ୬୭ ବର୍ଷକୁ ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି । ଏହି ବ୍ୟବସ୍ଥା ଦ୍ୱାରା କୁଳପତିମାନେ ବିଶ୍ୱବିଦ୍ୟାଳୟରେ ଦୀର୍ଘମିଆଦି ପରିବର୍ତ୍ତନ ଓ ଉନ୍ନତି ଆଣିପାରିବେ । ସେହିପରି ବିଶ୍ୱବିଦ୍ୟାଳୟ ଗୁଡିକରେ ପଞ୍ଜିକୃତ ଶିକ୍ଷକ ଓ ପଞ୍ଜିକୃତ ସ୍ନାତକ ବ୍ୟବସ୍ଥା ପ୍ରାସଙ୍ଗିକତା ହରାଇଥିବାରୁ ତାକୁ ବନ୍ଦ କରିବାକୁ ସ୍ଥିର ହୋଇଛି । ଏଣିକି ବିଶ୍ୱବିଦ୍ୟାଳୟ ଗୁଡିକରେ ଶିକ୍ଷକ ଓ ଅଣଶିକ୍ଷକଙ୍କ ନିଯୁକ୍ତି ଯଥାକ୍ରମେ ଓଡ଼ିଶା ଲୋକସେବା ଆୟୋଗ ଓ ଓଡ଼ିଶା ଷ୍ଟାଫ ସିଲେକ୍ସନ ମାଧ୍ୟମରେ କରାଯିବ । ବିଶ୍ୱବିଦ୍ୟାଳୟର ସିନେଟ୍ ଏବେ ଏକପ୍ରକାର ଆଳଙ୍କାରିକ କର୍ତ୍ତୃପକ୍ଷ ଭାବେ କାର୍ଯ୍ୟ କରୁଥିବା ବେଳେ ପ୍ରକୃତ ବୈଧାନିକ କ୍ଷମତା ସିଣ୍ଡିକେଟ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରୟୋଗ କରାଯାଉଛି । ତେଣୁ ସିନେଟକୁ ବନ୍ଦ କରାଯାଇ ସିଣ୍ଡିକେଟକୁ ପୁନର୍ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏସବୁ ବ୍ୟତୀତ ରାଜ୍ୟରେ ବିଶ୍ୱବିଦ୍ୟାଳୟ ଗୁଡିକର ସଂଖ୍ୟା ବୃଦ୍ଧି ପାଉଥିବାରୁ ଏସବୁର ବାର୍ଷିକ ସମୀକ୍ଷା ରିପୋର୍ଟ ଏଣିକି ସେମାନଙ୍କର ୱେବ୍‌ସାଇଟ୍ ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ୩ ବର୍ଷ ପର୍ଯ୍ୟନ୍ତ ଉପଲବ୍ଧ କରାଇବେ । ଆଉ ରାଜ୍ୟ ବିଧାନସଭାରେ ଏସବୁ ରିପୋର୍ଟ ଉପସ୍ଥାପନ ହେବନାହିଁ । ସେହିପରି ଆଇନ ବିଭାଗ ଦ୍ୱାରା ଆଗତ ଅଧ୍ୟାଦେଶକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଓଡ଼ିଶା ଅଧିବକ୍ତା କଲ୍ୟାଣ ପାଣ୍ଠି ଅଧିନିୟମ-୧୯୮୭କୁ ଏକ ଅଧ୍ୟାଦେଶ ମାଧ୍ୟମରେ ସଂଶୋଧନ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଫଳରେ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ ଆଦି ପରିସ୍ଥିତିରେ ଆଇନ ବ୍ୟବସାୟ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହୋଇଥିବାରୁ ଅଭାବୀ ଆଇନଜୀବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଓଡ଼ିଶା ଅଧିବକ୍ତା କଲ୍ୟାଣ ପାଣ୍ଠି ଅଧିନିୟମକୁ ସଂଶୋଧନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

### ‘ଏକମାତ୍ର’ର ପ୍ରଭାବ

## ବୋଡ଼କମୁଆଜିବ ଗାଁ ରାସ୍ତା କାର୍ଯ୍ୟ ଆରମ୍ଭ



**ଭଦ୍ରକ :** ଗତ ମାସ ୨୩ ତାରିଖ ରବିବାର ‘ଖାଲଖମାରେ ଭର୍ତ୍ତି ବୋଡ଼କମୁଆଜିବ୍ ରାସ୍ତା ’ଶୀର୍ଷକ ଖବର ‘ଏକମାତ୍ର’ରେ ପ୍ରକାଶିତ ହେବା ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାର ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ:ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଂଚାୟତ ଅଧିନ ୧୧ନଂ ଏବଂ ୧୨ନଂ ୱାର୍ଡ଼ ଅର୍ନ୍ତଗତ ବୋଡ଼କମୁଆଜିବ ଗାଁ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି । ଏହି ଗାଁର ଲୋକ ସଂଖ୍ୟା ପାଖାପାଖି ୧୫୦୦ । ମାତ୍ର ଏଠାକୁ ଭଲ ରାସ୍ତାଟିଏ ନାହିଁ । ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାର ବୋଡ଼କ ଛକ ଠାରୁ ଏକ ରାସ୍ତା ଏହି ଗାଁକୁ ସଂଯୋଗ କରୁଛି । ଯାହାର ଦୂରତା ପାଖାପାଖି ୩୦୦ମିଟର । ଏହି ମୋରମ ବିଛା ରାସ୍ତା ବର୍ଷା ପାଣିରେ ଧୋଇ ହୋଇ ଯିବା ଦ୍ୱାରା ମେଟାଲ ଗୁଡ଼ିକ ଉପରକୁ ଉଠି ଯାତାୟାତରେ ଘୋର ଅସୁବିଧା ସୃଷ୍ଟି କରୁଛି । ଗାଁ ଭିତରକୁ ସଂଯୋଗ କରୁଥିବା ରାସ୍ତାକୁ ଖରା ଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ ଦିନମାନଙ୍କରେ ଦୁଇ ଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦ ଶଂକୁଳ । ରାସ୍ତା ସଂକୀର୍ଣ୍ଣତା ଯୋଗୁଁ ଚାରିଚକିଆ ଯାନ ଯିବା ଆଦୌ ସମ୍ଭବ ନୁହେଁ । ଯଦ୍ୱାରା ଦମକଳ କିମ୍ବା ଆମ୍ବୁଲାନ୍ସ ଆସିବାରେ ଘୋର ଅସୁବିଧା ହେଉଛନ୍ତି । ଜରୁରୀ କାଳୀନ ସମୟରେ ଗାଁ ଠାରୁ ପାଖାପାଖି ୨୦୦ ମିଟର ଦୂରରେ ଆମ୍ବୁଲାନ୍ସ କିମ୍ବା ଦମକଳ ରହୁଛି । ସେହିପରି ଏଠାରୁ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ପ୍ରତିଦିନ ସ୍କୁଲକୁ ,ଆଗରପଡ଼ା କଲେଜକୁ, କୋମଳମତୀ ଶିଶୁ ଅଙ୍ଗନବାଡ଼ି କେନ୍ଦ୍ର କୁ ଅଧ୍ୟୟନ ପାଇଁ ଆସିଥାନ୍ତି । ଏହି ଗାଁ ରାସ୍ତାଟି ଜାମମଣି ଛକ ଠାରୁ ଟିଲୋ ପଂଚାୟତ କୁ ଲମ୍ବିଥିବା ପୂର୍ତ୍ତବିଭାଗ ରାସ୍ତାକୁ ମଧ୍ୟ ସଂଯୋଗ କରୁଛି । ଯାହାର ଅବସ୍ଥା ଆହୁରି ତଦ୍ରୂପ । ରାସ୍ତା ଅବସ୍ଥା ଯୋଗୁଁ ଗ୍ରାମବାସୀ ବ୍ଲକ,ତହସିଲ ଆଦି କାର୍ଯ୍ୟାଳୟ ଓ ଆଗରପଡ଼ା ବଜାରକୁ ଆସିବାରେ ସମସ୍ୟା ହେଉଛି । ଗାଁ ଭିତରେ ନିର୍ମିତ କଂକ୍ରିଟ ରାସ୍ତା ଏହି ସବୁ ସମସ୍ୟା ଯୋଗୁ ମୂଲ୍ୟହିନ ହୋଇପଡ଼ିଛି । ଗତ ବର୍ଷ ସ୍ଥାନୀୟ ସରପଂଚଙ୍କ ନିଜସ୍ୱ ପାଣ୍ଠିରୁ ରାସ୍ତାରେ ମୋରମ ବିଛା ଯାଇଥିଲା । ଯାହା ବର୍ଷା ଦ୍ୱାରା ଧୋଇ ହୋଇଯାଇଛି । ରାସ୍ତା ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦୃଢ ଦାବି କରିଛନ୍ତି । ଏ ନେଇ ବିସ୍ତୃତ ଖବର ‘ଏକମାତ୍ର’ରେ ପ୍ରକାଶ ପାଇବା ପରେ ଇତି ମଧ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବାର ଦେଖିବାକୁ ମିଳିଛି ।

## ଶିକ୍ଷକମାନେ ପ୍ରକୃତ ଦେଶ ନିର୍ମାତା : ରାଷ୍ଟ୍ରପତି



**ନୂଆଦିଲ୍ଲୀ :** ଶନିବାର ସମଗ୍ର ଦେଶରେ ଗୁରୁଦିବସ ପାଳିତ ହୋଇଯାଇଛି । ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ପ୍ରତିବର୍ଷ ଗୁରୁଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୪୭ ଜଣ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କହିଛନ୍ତି, ଶିକ୍ଷକମାନେ ହିଁ ପ୍ରକୃତ ଦେଶ ନିର୍ମାତା । ପିଲାମାନଙ୍କର ଚରିତ୍ର ଗଠନ କରିବାରେ ଶିକ୍ଷକମାନଙ୍କର ପ୍ରମୁଖ ଦାୟିତ୍ୱ ରହିଛି । ଡକ୍ଟର ରାଧାକ୍ରିଷ୍ଣନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରାଷ୍ଟ୍ରପତି କହିଲେ ସେ ଜଣେ ମହାନ ଦୂରଦ୍ରଷ୍ଟା, ରାଷ୍ଟ୍ରନେତା ଓ ଉଚ୍ଚକୋଟୀର ଶିକ୍ଷକ ଥିଲେ । ତାଙ୍କ ଜନ୍ମଦିନକୁ ଗୁରୁଦିବସ ଭାବେ ପାଳନ କରାଯିବା ଦ୍ୱାରା ଶିକ୍ଷକଙ୍କ ଅବଦାନକୁ ସ୍ୱୀକାର କରିବା । ପ୍ରଥମ ଥର ପାଇଁ ଶିକ୍ଷକମାନଙ୍କୁ ଅନ୍‌ଲାଇନ୍ ଜରିଆରେ ଜାତୀୟ ପୁରସ୍କାର ପ୍ରଦାନ କରି ରାଷ୍ଟ୍ରପତି କହିଛନ୍ତି, ନୂଆ ଶିକ୍ଷାନୀତିରେ ଶିକ୍ଷକମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ହେବ । ସେ କହିଲେ, ଏଥର ଜାତୀୟ ପୁରସ୍କାର ପାଇଥିବା ଶିକ୍ଷକମାନଙ୍କ ମଧ୍ୟରେ ୪୦ ପ୍ରତିଶତ ଶିକ୍ଷୟିତ୍ରୀ ଅଛନ୍ତି । ଓଡ଼ିଶାରୁ ୨ ଜଣ କୃତୀ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ମିଳିଛି । ସେମାନେ ହେଲେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ସ୍ଥିତ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ଶିକ୍ଷକ ତାପସ କୁମାର ମହାନ୍ତି ଓ ବୌଦ୍ଧ ଜିଲ୍ଲା ହରଭଙ୍ଗା ସରସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ । ଏଥର ଅନ୍ୟ ଯେଉଁମାନେ ଜାତୀୟ ପୁରସ୍କାର ପାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଡେରାଡୁନ୍ ନିକଟରେ ଥିବା ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲର ଉପାଧକ୍ଷ ସୁଧା ପୈନୁଲି, ଦିଲ୍ଲୀର ମାଉଣ୍ଟ ଆବୋ ପବ୍ଲିକ ସ୍କୁଲର ଜ୍ୟୋତି ଆରୋରା । ଏହି ଭିଡିଓ କନଫରେନ୍ସିଂରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ମଧ୍ୟ ଉପସ୍ଥିତ ଥିଲେ ।

## ଜନଶକ୍ତି ସଂଘ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସହାୟତା




**କେନ୍ଦ୍ରାପଡା :** ଚଳିତ ବନ୍ୟାରେ କେନ୍ଦ୍ରାପଡା ଜିଲ୍ଲାର ଚାଷୀକୂଳ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ‘ଜନଶକ୍ତି ସଂଘ’ ତରଫରୁ ପ୍ରଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା । ଡେରାବିଶ ବ୍ଲକର ବେଣୀପୁର ଗ୍ରାମ ପଞ୍ଚାୟତ, ନୀଳକଣ୍ଠପୁର ଶଣ୍ଢପଲ୍ଲୀ ଗ୍ରାମ ପଞ୍ଚାୟତରେ ବନ୍ୟା ଘେରରେ ଥିବା ଜଳବନ୍ଦୀ ଲୋକଙ୍କୁ ସଂଘ ତରଫରୁ ଡାଲମା, ଭାତ ଓ ଖଟା ସହ ଶୁଖିଲା ଖାଦ୍ୟ ଭାବେ ଚୁଡା ଓ ବିସ୍କୁଟ ବଣ୍ଟନ କରାଯାଇଛି । ଏଥିରେ ସଂଘର ବହୁ ସଦସ୍ୟ ଯୋଗଦେଇ ଦୁର୍ଦ୍ଦଶା ଭୋଗ କରୁଥିବା ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଭଲ ମନ୍ଦ ବୁଝିବା ସହିତ କିଭଳି ସମସ୍ୟାର ସମାଧାନ କରାଯିବ ଓ ସରକାରଙ୍କ ନିକଟରେ ବନ୍ୟା ବିପ୍ପାତର ବାସ୍ତବ ଚିତ୍ର ପହଞ୍ଚିବ ସେ ନେଇ ଚେଷ୍ଟା କରିଛନ୍ତି । ଏଥିସହ ଆଗାମୀ ଦିନରେ ରାଜନଗର ଅଞ୍ଚଳର ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ସାହାଯ୍ୟ, ସହଯୋଗ ପହଞ୍ଚିବ ବୋଲି ସଂଘ ପକ୍ଷରୁ ଶ୍ରୀ ପ୍ରଧାନ କହିଛନ୍ତି ।

## ‘ରାଜ୍ୟରେ ପର୍ଯ୍ୟାପ୍ତ ଅଛି ୟୁରିଆ ସାର’



**ଭୁବନେଶ୍ୱର :** ରାଜ୍ୟରେ ୟୁରିଆ ସାର ଅଭାବ ନାହିଁ । ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି । ଏପର୍ଯ୍ୟନ୍ତ ୬.୧୫ ମେଟ୍ରିକ୍ ଟନ୍ ୟୁରିଆ ଆସିଛି । କୃଷି ସଚିବ ସୌରଭ ଗର୍ଗ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଖରିଫ ଋତୁରେ କ’ଣ ସ୍ଥିତି ରହିଛି ଆଜି କ୍ୟାବିନେଟ୍ ବୈଠକରେ ଆଲୋଚନା ହୋଇଛି । ୬୧ ଲକ୍ଷ ହେକ୍ଟର ଫସଲ ଲକ୍ଷ୍ୟ ରଖାଯାଇଛି । ଏବେ ୫୫ଲକ୍ଷ ହେକ୍ଟରରେ ଫସଲ ହୋଇସାରିଛି । ଗତବର୍ଷ ତୁଳନାରେ ଫସଲ ଏଥର ଭଲ ହେବ ବୋଲି ଆଶା କରାଯାଉଛି । ୯ ହଜାର ୯୬୫ କୋଟି ଟଙ୍କା କୃଷି ଋଣ ଯୋଗାଇ ଦିଆଯାଇଛି । କୋପରେଟିଭ ସୋସାଇଟି ମାଧ୍ୟମରେ ଏହା ଅଧିକାଂଶ ଦିଆଯାଇଛି । ବ୍ୟବସାୟିକ ବ୍ୟାଙ୍କ ମାଧ୍ୟମରେ ମଧ୍ୟ ଚାଷୀ ଋଣ ନେଉଛନ୍ତି । ସେପ୍ଟେମ୍ବର ୩୦ ଯାଏଁ ଚାଷୀଙ୍କ ଋଣ ଯୋଗାଇ ଦିଆଯିବ । ଚାଷୀମାନେ ଧାନ ସହିତ ଅନ୍ୟ ଫସଲ ଯଥା କପା, ରାଶି, ଝୋଟ, ତୈଳମଞ୍ଜି, ଡାଲି ଜାତୀୟ ଫସଲ ପାଇଁ ପ୍ରୋତ୍ସାହନ ପାଇପାରିବେ । ଶ୍ରୀ ଗର୍ଗ କହିଛନ୍ତି, ରାଜ୍ୟ କୃଷି ଭବନ ସମଗ୍ର ବିଶ୍ୱରେ ସୁଖ୍ୟାତି ଅର୍ଜନ କରିଛି । ‘ଆମ କୃଷି’ରେ ୯ଲକ୍ଷ ଚାଷୀ ସେମାନଙ୍କର ନାମ ପଞ୍ଜିକୃତ କରିଛନ୍ତି । ଚାଷୀମାନଙ୍କ ପାଇଁ ସହଜ ହେଲ୍‌ପଲାଇନ ନମ୍ବର (୧୫୫୩୩୩) ଜାରି କରାଯାଇଛି । ଏହି ନମ୍ବରରେ ଚାଷୀ କଲ କରି ଚାଷ ସମ୍ପର୍କିତ ବିଭିନ୍ନ ତଥ୍ୟ ହାସଲ କରିପାରିବେ । ୨୪ ଘଣ୍ଟା ମଧ୍ୟରେ ସେମାନଙ୍କୁ ସୂଚନା ଦିଆଯିବ । ପ୍ରତି ମାସରେ ୩୦ ହଜାର କଲ ଆସୁଛି । ଏଗ୍ରି ଆକେ୍ସଟେସନ ଆପ ଅଛି । ଏହି ଆପ୍‌ରେ ଚାଷୀ ସମ୍ପର୍କିତ ତଥ୍ୟ ମିଳିପାରୁଛି । ଏହି ଆଧାରରେ ଆମେ ମାସିକ ରିପୋର୍ଟ ପ୍ରସ୍ତୁତ କରୁଛୁ । ଚାଷୀମାନେ କ’ଣ ପାଉଛନ୍ତି, ତାହା ଆମକୁ ଖୁବ୍‌ଶୀଘ୍ର ଜଣାପଡୁଛି । ତୃଣମୂଳ ସ୍ତରରେ ପ୍ରଥମ ଓ ତୃତୀୟ ଶନିବାର ଅଧିକାରୀମାନେ ବସି କୃଷି ସମ୍ପର୍କିତ ବୈଠକ କରୁଛନ୍ତି । ରାଜ୍ୟର ପ୍ରାୟ ୭ ହଜାର ପଞ୍ଚାୟତ ୧୦୦ ଜଣ ଲେଖାଏଁ ଚାଷୀଙ୍କୁ ନେଇ ହ୍ୱାଟ୍‌ସଆପ ଗ୍ରୁପ୍ କରାଯାଇଛି । ସେମାନଙ୍କୁ ଚାଷ ସମ୍ପର୍କିତ ତଥ୍ର ଦିଆଯାଉଛି । କାଳିଆ ଯୋଜନାରେ ଲାଭ ପାଇବା ପାଇଁ ପୋର୍ଟାଲ ବ୍ୟବସ୍ଥା କରାଯାଇଛି । ପୋର୍ଟାଲରେ ଚାଷୀ ସେମାନଙ୍କ ଆବେଦନ ସ୍ଥିତି ଜାଣିପାରିବେ । ରାଜ୍ୟର ୫୫ଲକ୍ଷ ଚାଷୀ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେମାନେ ପ୍ରୋତ୍ସାହିତ ପାଇପାରିବେ । ବଳରାମ ଯୋଜନାରେ ଭାଗଚାଷୀ ଓ ଭୂମିହୀନ ଚାଷୀ ଉପକୃତ ହେବେ ।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି